## ସଂକ୍ଷେପରେ

### ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**କଟକ ଅଫିସ, ୨୯।୭:** ନ୍ୟାଶନାଲ ଫ୍ରଣ୍ଟ ଇଣ୍ଡିଆନ ଟ୍ରେଡ୍ ୟୁନିୟନ୍ସ (ଏନ୍ଏଫ୍ଆଇଟିୟୁ)ର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା ଯୋଗଦେଇ ଶ୍ରମ ଆଇନ ସଂଶୋଧନ, ଅଙ୍ଗନୱାଡି ଓ ଆଶା କର୍ମୀମାନଙ୍କୁ ମାସିକ ୨୧ହଜାର ଟଙ୍କା ଦରମା, ନିର୍ମାଣ ଶ୍ରମିକ ଏବଂ ଘରୋଇ ସିକ୍ୟୁରିଟି କର୍ମଚାରୀଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ। ଶ୍ରମିକମାନଙ୍କ ଉକ୍ତ ସମସ୍ୟା ସମାଧାନ କରା ନ ଗଲେ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଙ୍ଗଠନ ସଭାପତି ପ୍ରଶାନ୍ତ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୃସିଂହ ଚରଣ ମିଶ୍ର, ନାରାୟଣ ନାୟକ, ନିରଞ୍ଜନ ପାତ୍ର, ନିହାର ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ବାଳକୃଷ୍ଣ ଭୋଇ ଧନ୍ୟବାଦ ଦେଇଥିଲେ।

### ଶୈଳବାଳା ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ ଅଫିସ, ୨୯।୭:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କୋଭିଡ-୧୯ ସଂକ୍ରମଣ, ଗୁଣାତ୍ମକ ଶାସନ ଓ ଦୁର୍ନୀତି ପ୍ରସଙ୍ଗକୁ ନେଇ ଆଲୋଚନାଚକ୍ର ଅନ୍‌ଲାଇନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଉଦ୍‌ଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମୌସୁମୀ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶ୍ରୀନିବାସ ବାରିକ ଅତିଥି ପରିଚୟ ଦେଇଥିଲେ। ସେହିପରି ବୈଷୟିକ ଅଧିବେଶନରେ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଡ. ରାମ କାନୁନ୍‌ଗୋ, ପରିଚାଳନା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁ, ଅଞ୍ଜନା ଦାସ ଯୋଗଦେଇଥିଲେ। ଡ. ଗାୟତ୍ରୀ କର ଧନ୍ୟବାଦ ଦେଇଥିଲେ।

### ପାଲାଗାୟକଙ୍କ ପରଲୋକ

**କଟକ ଅଫିସ, ୨୯।୭:** ପାଲା ଗାୟକ ସଦାନନ୍ଦ ଦାସ(୬୮)ଙ୍କର ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡିତ ହୋଇ କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ।



ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ନିର୍ମଳା ଦାସ, ସାନଭାଇ ରବୀନ୍ଦ୍ର ଦାସ, ଭାଇବୋହୂ ବିଦ୍ୟୁତ୍‌ପ୍ରଭା ଦାସ, ମନ୍ଦାକିନୀ ଦାସ, ଶୁଭସ୍ମିତା ଦାସ, ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲା ହାବଳେଶ୍ୱରସ୍ଥିତ ତାଙ୍କ ବାସଭବନକୁ ମରଶରୀର ନିଆଯିବା ପରେ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଜୟନ୍ତ ମୁଖାଗ୍ନି ଦେଇଥିଲେ। ଦାସ ତାଙ୍କ ଅଞ୍ଚଳରେ ଜଣେ ପାଲା ଗାୟକ ଭାବେ ପରିଚିତ ଥିବାବେଳେ କୋଲକାତାର ଏକ ଘରୋଇ କମ୍ପାନୀରେ କାମ କରି ଅବସର ନେଇଥିଲେ । ସେ ଜଣେ ପରୋପକାରୀ, ନମ୍ର, ଭଦ୍ରବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ।

### ସୁଗନ୍ଧିତ ଔଷଧୀୟ ତୈଳ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

**ତିଗିରିଆ,୨୯।୭, (ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ପଞ୍ଚଗାଁ ପଞ୍ଚାୟତର ତେନ୍ତୁଳିରଗଡି ଗ୍ରାମରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ସୁଗନ୍ଧିତ ଔଷଧୀୟ ତୈଳ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ । ପଡ଼ିଆ ପଡୁଥିବା ଜମିରେ ସ୍ୱଳ୍ପ ଜଳରେ ସୁଗନ୍ଧିତ ଔଷଧୀୟ ଘାସ ଚାଷ କରି ସେଥିରୁ ତୈଳ ପ୍ରକ୍ରିୟାକରଣ କରିବା ପାଇଁ ଏହି କେନ୍ଦ୍ର ଖୋଲାଯାଇଛି। ଆୟୋଜିତ ଉତ୍ସବରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅଜୟ ପରିଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଉପଜିଲାପାଳ ଅଜାମ୍ବର ମହାନ୍ତି, ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, ବିଡିଓ ଦୀପ୍ତିମୟୀ ବେହେରା, ବୈଜ୍ଞାନିକ ରାଜୀବ ସ୍ୱାଇଁ, ରୂପେଶ ଦାଶ ଓ ତିଗିରିଆ ବ୍ଲକ ଅଧକ୍ଷା ରୂପା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ ।

# ଗୁଳି କରି ୭୦ହଜାର ନେଇଗଲେ

**ଖୋର୍ଦ୍ଧା ଅଫିସ,୨୯।୭**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ବାଘମାରୀ ସ୍କୁଲ ନିକଟ ତଳସାହିରେ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରସେରି ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ତାଙ୍କଠାରୁ ୭୦ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ଗୁରୁତର ବ୍ୟବସାୟୀ ହେଲେ ବାଘମାରୀ ବ୍ରାହ୍ମଣ ସାହିର ମନୋରଞ୍ଜନ ସାମନ୍ତରାୟ(୩୮)। ତାଙ୍କ ଡାହାଣ ଗୋଡ଼ ଆଣ୍ଠୁ ତଳକୁ ଗୁଳି ବାଜିଛି। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଛି।





ଗୁରୁତର ବ୍ୟବସାୟୀ ମନୋରଞ୍ଜନ।

ମିଳିଥିବା ସୂଚନା ମୁତାବକ, ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମନୋରଞ୍ଜନଙ୍କ ଗ୍ରସେରି ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ସାଢେ ୧୦ଟାରେ ଦୋକାନ ବନ୍ଦ କରି ବାଇକ୍‌ରେ ଟଙ୍କା ଧରି ଘରକୁ ଫେରୁଥିଲେ। ଏହି

**ବ୍ୟବସାୟୀ ଗୁରୁତର**

ସମୟରେ ପୂର୍ବରୁ ଛକିରହିଥିବା ୪ଜଣ ଦୁର୍ବୃତ୍ତ ତାଙ୍କୁ ବାଇକରେ ପିଛା କରିଥିଲେ। ସ୍କୁଲ ନିକଟରେ ହଠାତ୍ ତାଙ୍କ ଆଗକୁ ଆସି ଅଟକାଇଥିଲେ। ସେ ସେଠାରୁ ଖସି ଦୌଡିବାକୁ ଉଦ୍ୟମ ବେଳେ ୪ରାଉଣ୍ଡ ଫାୟାରିଂ କରିଥିଲେ। ୩ଟି ଗୁଳି ବାଜି ନ ଥିବା ବେଳେ ଚତୁର୍ଥ ଗୁଳି ତାଙ୍କ ଡାହାଣ ଗୋଡରେ ବାଜିଥିଲା। ଏହା ପରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

# ମଦ ଦୋକାନ ବନ୍ଦ ଦାବିରେ ଗଣଧାରଣା

**କଟକ ଅଫିସ, ୨୯।୭**

କଟକ ସହରର ସମ୍ବେଦନଶୀଳ ଜନବସତି ଅଞ୍ଚଳରୁ ମଦ ଦୋକାନ ତୁରନ୍ତ ବନ୍ଦ କରିବା ଦାବିରେ ଗୁରୁବାର କଟକ ନଗର(ଜିଲା) କଂଗ୍ରେସ କମିଟି ପକ୍ଷରୁ ବକ୍ସିବଜାର ଅମରେଶ୍ୱର ମନ୍ଦିର ନିକଟ ମଦ ଦୋକାନ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ପୌରୋହିତ୍ୟ କରି କହିଥିଲେ, ସହରର ବକ୍ସିବଜାର ଅମରେଶ୍ୱର ମନ୍ଦିର ସମ୍ମୁଖ, ପୁରୀଘାଟସ୍ଥିତ ବୁରୁଜସାହି, ଝୋଲାସାହି, କାଜିବଜାର ଆଦି ସମ୍ବେଦନଶୀଳ ଜନବସତି ଅଞ୍ଚଳରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହାଦ୍ୱାରା ବସ୍ତି ଅଞ୍ଚଳର ଗରିବ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନ ନଷ୍ଟ କରିବାକୁ ଉଦ୍ୟମ କରାଯାଉଛି। ଏଣୁ ମଦ ଦୋକାନକୁ ତୁରନ୍ତ ବନ୍ଦ କରିବା ପାଇଁ ସେ ଦାବି କରିଥିଲେ। ଆଗାମୀ ଦିନରେ ଲୋକଙ୍କ ଉକ୍ତ ଅଭିଯୋଗ ସମ୍ପର୍କରେ ରାଜ୍ୟ ଅବକାରୀ କମିଶନରଙ୍କୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବେହେରା କହିଥିଲେ। ଏହି ଧାରଣାରେ ଦଳୀୟ ନେତା ନିକୁଞ୍ଜ ପଶାୟତ, ଜଗଦୀଶ ମହାନ୍ତି, ଶୈଳବାଳା ଜେନା, ଚାରୁଲତା ସାହୁ, ଏନ. ନୀଳାଦ୍ରି ରାଓ, ତୃପ୍ତି ଦାସ, ଶରତ ଚନ୍ଦ୍ର ସେଠୀ, ମହମ୍ମଦ ଅଲିମ, ବିକି ଚକ୍ରବର୍ତ୍ତୀ, କ୍ଷୀରୋଦ ଚନ୍ଦ୍ର ସାହୁ, ଲିଜାରାଣୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।




ବକ୍ସିବଜାର ଅମରେଶ୍ୱର ମନ୍ଦିର ନିକଟ ମଦ ଦୋକାନ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

## ୧ରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ଲାବରେଟୋରି ଟେକ୍ନିସିଆନ

**କଟକ ଅଫିସ, ୨୯।୭**

ସରକାରଙ୍କ ଟାଳଟୁଳ ନୀତିକୁ ଓଡ଼ିଶା ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ୧୦ ଦଫା ଦାବି ନେଇ ଅଗଷ୍ଟ ୧ରୁ ଲାବରେଟୋରି ଟେକ୍ନିସିଆନମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ସଂଘର କଟକ ଜିଲା ସମ୍ପାଦକ ଅନନ୍ତ ଭଦ୍ର କଟକ ସିଟି ହସ୍ପିଟାଲରେ ଅନୁଷ୍ଠିତ ବୈଠକରେ ସୂଚନା ଦେଇଛନ୍ତି। ଉକ୍ତ ଦାବି ପୂରଣ ପାଇଁ ରାଜ୍ୟ ସଂଘ ପକ୍ଷରୁ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି, ଡିଏମ୍ଏଲ୍‌ଟି କାଉନସିଲ ଦ୍ୱାରା ପଞ୍ଜୀକୃତ ହୋଇ ନ ଥିବା ବ୍ୟକ୍ତିଙ୍କୁ ସରକାରୀ ଚିକିତ୍ସାଳୟରେ କାମ କରିବାକୁ ଦିଆଯାଉଥିବାରୁ ଚିକିତ୍ସାର ଗୁଣାତ୍ମକ ମାନ ହ୍ରାସ ପାଉଛି। ୧ ବର୍ଷ ହେବ ୧୦୦୦ ଜୁନିୟର ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ପୂର୍ବରୁ ବିଭିନ୍ନ ସମିତି ଅଧୀନରେ କାର୍ଯ୍ୟ କରୁଥିବା ଘରୋଇ ସଂସ୍ଥା ଏବଂ ସରକାରୀ ଭାବେ ପଞ୍ଜୀକୃତ ହୋଇ ନ ଥିବା ଲାବରେଟୋରି ଟେକ୍ନିସିଆନମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇ ସରକାର ସମସ୍ତ ପଦବୀରେ ଅବସ୍ଥାପିତ କରୁଛନ୍ତି। ଯାହାକି ନିମ୍ନମାନର ଚିକିତ୍ସାକୁ ପ୍ରୋତ୍ସାହନ ଦେଉଥିବା ନେଇ ବୈଠକରେ କ୍ଷୋଭପ୍ରକାଶ ପାଇଥିଲା।

# ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହେବେ ୧୨୨ ହିତାଧିକାରୀ

**କଟକ ସଦର,୨୯।୭(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ପ୍ରସ୍ତୁତ ତାଲିକାର ପୁନଃ ଯାଞ୍ଚ ଜୁଲାଇରୁ ଆରମ୍ଭ ହୋଇଛି। ଏଥିପାଇଁ ଯନ୍ତ୍ରୀ, ସମ୍ପ୍ରସାରଣ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀମାନଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ତାଲିକାରେ ୬୯୩ ହିତାଧିକାରୀ ରହିଥିବାବେଳେ ସେଥିମଧ୍ୟରୁ ୨୨୩ ଜଣ କିସ୍ତି ବାବଦ ଟଙ୍କା ଫେରାଇବା ବ୍ୟକ୍ତି ଅଛନ୍ତି। ଗତ ବର୍ଷଗୁଡିକରେ ଇନ୍ଦିରାଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇ ମଧ୍ୟ ଅନେକ ହିତାଧିକାରୀ କାମ କରିପାରି ନ ଥିଲେ। ତେଣୁ ସରକାର ସେମାନଙ୍କ ପାଇଁ କୋହଳ ନିୟମ କରିଥିଲେ। ଯେତିକି ଟଙ୍କା ସରକାରଙ୍କଠାରୁ ନେଇଛନ୍ତି, ସେତିକି ଟଙ୍କା ଫେରାଇଦେଲେ ସେମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କିଆ ପ୍ରଧାନମନ୍ତ୍ରୀ ଆବାସ ମିଳିବ। ଫଳରେ ୨୨୩ ହିତାଧିକାରୀ ପ୍ରାୟ ୩୪ ଲକ୍ଷ ଟଙ୍କା ବିଡିଓଙ୍କୁ ଫେରାଇ ଦେଇଥିଲେ। ସେମାନଙ୍କ ନାମ ନୂଆ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ରହିଛି। କିନ୍ତୁ ପୁନର୍ବାର ତଦନ୍ତ ପରିସରଭୁକ୍ତ କରାଯିବାରୁ ସେମାନଙ୍କ ମଧ୍ୟରୁ ୧୨୨ ଜଣ ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହେବା ସମ୍ଭାବନା ରହିଛି। ଏହାବ୍ୟତୀତ ଫନୀ ବାତ୍ୟାବେଳେ ପକ୍କାଘର ଭାଙ୍ଗିଥିବା ଦର୍ଶାଇ ବହୁ ହିତାଧିକାରୀ ୯୫,୧୦୦ ଟଙ୍କା କ୍ଷତିପୂରଣ ପାଇଥିଲେ। ଚଳିତମାସର ତଦନ୍ତବେଳେ ସେହିଭଳି ୧୨୪ ଜଣ ବ୍ୟକ୍ତିଙ୍କୁ ନୂଆ ଘର ଦେବା ପାଇଁ ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଛି। ହେଲେ କ୍ଷତିପୂରଣ ବାବଦ ପାଇଥିବା ଅର୍ଥରେ ସେମାନେ ଘର ନିର୍ମାଣ କରିନାହାନ୍ତି। ବର୍ତ୍ତମାନ ୨୨୩ ଜଣଙ୍କ ମଧ୍ୟରୁ ୧୨୨ ହିତାଧିକାରୀ ପକ୍କାଘର କରିସାରିଛନ୍ତି। ତେଣୁ ସେମାନଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ କରାଯିବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବ୍ଲକର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ଯାଞ୍ଚ ସମ୍ପୂର୍ଣ୍ଣ ହେବା ପରେ ଟଙ୍କା ଫେରାଇଥିବା ହିତାଧିକାରୀଙ୍କ ପ୍ରକୃତ ତଥ୍ୟ ପଦାକୁ ଆସିବ।

## ଦୁର୍ଘଟଣାଗ୍ରସ୍ତ ଦୁଇ ଯୁବତୀଙ୍କୁ ମେଡିକାଲ ନେଲେ ବିଧାୟକ

**ଫୁଲନଖରା,୨୯।୭(ଡି.ଏନ.ଏ.)**

୧୬ ନମ୍ବର ଜାତୀୟ ରାଜପଥ ପ୍ରତାପନଗରୀଠାରେ ଗାଡି ଧକ୍କାରେ ଦୁଇଜଣ ଯୁବତୀ ଆହତ ହୋଇଥିଲେ। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଗୁରୁବାର ଅପରାହ୍ନରେ କଟକରୁ ଭୁବନେଶ୍ୱର ଅଭିମୁଖେ ଦୁଇ ଯୁବତୀ ସ୍କୁଟିରେ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେବାରୁ ସେମାନଙ୍କ ମୁହଁ, ହାତ ଓ ଗୋଡରେ ଆଘାତ ଲାଗିଥିଲା। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ସେମାନଙ୍କୁ ନିଜ କାରରେ ମେଡିକାଲ ନେଇଥିଲେ।

# ନିରାଡ଼ମ୍ବରରେ ପାଳନ ହେବ ସ୍ୱାଧୀନତା ଦିବସ

**କଟକ ଅଫିସ/ଆଠଗଡ଼,୨୯।୭(ସ୍ୱ.ପ୍ର.)**

ଚଳିତବର୍ଷ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରି ନିରାଡମ୍ବର ଭାବେ ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି କହିଥିଲେ। ଉକ୍ତ ଦିନ ସକାଳ ୯ଟା ୧୫ରେ ବାରବାଟୀ ଷ୍ଟାଡିୟମଠାରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏଥିରେ ପୋଲିସ, ଗୃହରକ୍ଷୀ ଓ ପୋଲିସ ବ୍ୟାଣ୍ଡ ବାହିନୀକୁ ସାମିଲ କରାଯିବ। ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ, ପରିମଳ ଓ ସଫେଇ କର୍ମଚାରୀ, କରୋନାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି, ଆରକ୍ଷୀ, ଅଗ୍ନିଶମ ବାହିନୀ, ସ୍ୱଳ୍ପ ସଂଖ୍ୟକ କୋଭିଡ୍ ଯୋଦ୍ଧାଙ୍କୁ ନିମନ୍ତ୍ରଣ କରାଯିବ। ସେହିପରି ବିଦ୍ୟାଳୟ ସ୍ତରରେ ଅନ୍‌ଲାଇନରେ ପ୍ରବନ୍ଧ, କୁଇଜ ପ୍ରତିଯୋଗିତା କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସହରର ପ୍ରମୁଖ କୀର୍ତ୍ତିସ୍ଥଳୀଗୁଡିକୁ ଆଲୋକରେ ସଜାଇବା ପାଇଁ କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ବୈଠକରେ ଯୋଗଦେଇ ସହରରେ ପ୍ରାତଃ ସମୟରେ ଡାକବାଜି ଯନ୍ତ୍ରଦ୍ୱାରା ସମସ୍ତ ୱାର୍ଡରେ ରାମଧୁନ ପରିବେଷଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍, ସହକାରୀ ଜିଲାପାଳ ଅଳକାରାଣୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

- ସାମିଲ ହେବେ କୋଭିଡ୍ ଯୋଦ୍ଧା
- ବିଦ୍ୟାଳୟସ୍ତରରେ ଅନ୍‌ଲାଇନରେ ହେବ ପ୍ରତିଯୋଗିତା
- ପ୍ରମୁଖ କୀର୍ତ୍ତିସ୍ଥଳୀକୁ ଆଲୋକରେ ସଜାଯିବ

ସେହିପରି ଆଠଗଡ଼ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସ୍ୱାଧୀନତା ଦିବସରେ ଆଠଗଡ଼ ମହୋତ୍ସବ ପଡ଼ିଆରେ ଉପଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରି ପୋଲିସ ପ୍ରଶାସନ ପକ୍ଷରୁ ଅଭିବାଦନ ଗ୍ରହଣ କରିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଛି। ବୈଠକରେ ଆଠଗଡ଼ ବିଡ଼ିଓ ଅରୁଣ କୁମାର ଦାସ, ଆଠଗଡ଼ ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡ଼ା, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିବେଦିତା



@ ଜାହ୍ନବୀ



@ ଶାଶ୍ୱତ



@ ପରମେଶ



@ ବିଷ୍ଣୁପ୍ରସାଦ



@ ବିନୋଦ

# ଓସ୍‌ୱାସ୍ ମାଧ୍ୟମରେ ହେବ ନଥି କାର୍ଯ୍ୟ

**କଟକ ଅଫିସ, ୨୯।୭**

କଟକସ୍ଥିତ ଶିଳ୍ପ ନିର୍ଦ୍ଦେଶାଳୟରେ (ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ) ଓସ୍‌ୱାସ୍ ମାଧ୍ୟମରେ ନଥି କାର୍ଯ୍ୟ କରାଯିବ। ଏଥିପାଇଁ ନିର୍ଦ୍ଦେଶାଳୟର ମଧୁସୂଦନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ମୀନା କୁମାରୀ ବେହେରା ଅଧକ୍ଷତା କରି ନିର୍ଦ୍ଦେଶାଳୟର ପ୍ରତ୍ୟେକ ବିଭାଗରେ ଓସ୍‌ୱାସ ମାଧ୍ୟମରେ ନଥିକାର୍ଯ୍ୟ କରିବା ପାଇଁ ଆବଶ୍ୟକ ଥିବା ଆନୁଷଙ୍ଗିକ ଭିତ୍ତିଭୂମି ପୂରଣ କରିବାକୁ କହିଥିଲେ।

**ଶିଳ୍ପ ନିର୍ଦ୍ଦେଶାଳୟ**

ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ବେହେରା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ସରୋଜ କୁମାର ହୋତା, ଯୁଗ୍ମ ନିର୍ଦ୍ଦେଶକ ଟି. ବଦ୍ରିନାରାୟଣ, ଉପନିର୍ଦ୍ଦେଶକ ହରପ୍ରିୟା ଦାସ, ଦିଗମ୍ବର ଶତପଥୀ, କେ. ବାଲାଜୀ ସୁବୁଦ୍ଧି, ମିତାଂଶୁ ତ୍ରିପାଠୀ, ମଦନ ମୋହନ ପାତ୍ର ଓ ପ୍ରଚାର ସଂଗଠକ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଜୁଲାଇ, ୨୦୨୧



## ୨୧ଶହ ଲିଟର ଗୁଡ଼ ପୋଚ ଜବତ

ବାଙ୍କୀ, (ସ୍ୱ.ପ୍ର.): ବାଙ୍କୀ ଅବକାରୀ ଅଧିକାରୀ ତେଜେସ୍ୱର ଲାକ୍ରାଙ୍କ ନେତୃତ୍ୱରେ ଅବକାରୀ ଦଳ ପକ୍ଷରୁ ବାଙ୍କୀର ବରପୁଟ ଓ ପଶାଣିଆ ଅଞ୍ଚଳର ୩ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଅବସରରେ ପଶାଣିଆ ଜଙ୍ଗଲରୁ ୨୧ଶହ ଲିଟର ଗୁଡ଼ ପୋଚ ଜବତ କରି ନଷ୍ଟ କରିଦିଆଯାଇଛି। କୌଣସି ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ଏହି ଚଢ଼ାଉରେ ବାଙ୍କୀ ଅବକାରୀ ବିଭାଗ ସହକାରୀ ଅଧିକାରୀ ଦୀପକ କୁମାର ସାମଲ, କନ୍‌ଷ୍ଟେବଲ ସଞ୍ଜୟ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ମାଝି, ବିଶ୍ୱନାଥ ସୁରେନ୍, ଗୀତାଞ୍ଜଳି ବେହେରା ଓ ଶଙ୍କର ସିଂ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ବ୍ୟବସାୟ କରିବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୫ ଲକ୍ଷ ଟଙ୍କା ଠକି ଫେରାର ଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ କଟକରୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନାଞ୍ଚଳର ଶୁଭମ ନାୟକ(୩୨)। ପୋଲିସ ସୂଚନା ଅନୁଯାୟୀ, ସାମପୁର ଅଞ୍ଚଳରେ ରହୁଥିବା ଜ୍ୟୋତିରଞ୍ଜନ ପ୍ରଧାନଙ୍କଠୁ ଅଭିଯୁକ୍ତ ଶୁଭମ ବ୍ୟବସାୟ କରିବାକୁ କହି ୬ ମାସ ତଳେ ୫ ଲକ୍ଷ ଟଙ୍କା ନେଇଥିଲା। ଏନେଇ ଏକ ଚୁକ୍ତିନାମା ମଧ ହୋଇଥିଲା। କିଛିମାସ ଭିତରେ ଟଙ୍କା ଫେରାଇଦେବାକୁ କହି ଶୁଭମ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ (ନଂ.୨୪୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### 'ହିନ୍ଦୀ ଭାଷା ସାହିତ୍ୟ' ଉପରେ ୱେବିନାର

ଭୁବନେଶ୍ୱର, ୨୯।୭(ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ 'ହିନ୍ଦୀ ଭାଷା ସାହିତ୍ୟ' ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦାମୋଦର ମିଶ୍ର ଯୋଗଦେଇ ଦଳିତ ସାହିତ୍ୟରେ ସମ୍ବେଦନାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶ୍ୱଭାରତୀ ଶାନ୍ତି ନିକେତନର ହିନ୍ଦୀ ବିଭାଗ ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତି ଓ ରାଜଭାଷା ହିନ୍ଦୀ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ୧୫ ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସସ୍ମିତା ମହାନ୍ତି, ଆଇକ୍ୟୁଏସି ଅଧକ୍ଷା ପ୍ରଫେସର ଚଣ୍ଡୀ ଚରଣ ରଥ, କୁଳ ସଚିବ ଶ୍ୟାମଳୀ ମହାପାତ୍ର, ଗବେଷକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ହିନ୍ଦୀ ବିଭାଗର ମୁଖ୍ୟ ଡ. ସ୍ନେହଲତା ଦାସ ଓ ଅଧ୍ୟାପିକା ଡ. ବିମଳା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ତ୍ତ ସଚିବଙ୍କ ବୈଦ୍ୟେଶ୍ୱର-ଗୋପୀନାଥପୁର ସେତୁ ପରିଦର୍ଶନ

ବାଙ୍କୀ,୨୯।୭ (ସ୍ୱ.ପ୍ର.): ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ସଚିବ କ୍ରିଷ୍ଣ କୁମାର ଗୁରୁବାର ବାଙ୍କୀ ବ୍ଲକ ଗସ୍ତରେ ଆସି ନିର୍ମାଣାଧୀନ ବୈଦ୍ୟେଶ୍ୱର-ଗୋପୀନାଥପୁର ସେତୁ ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ସାମିଲ ହୋଇଥିଲେ। ଏହି ସେତୁ ନିର୍ମାଣ ହେବା ଦ୍ୱାରା ବାଙ୍କୀ ଓ ବଡ଼ମ୍ବା ଅଞ୍ଚଳର ବିକାଶ ହେବା ସହ ଉଭୟ ବ୍ଲକ ମଧ୍ୟରେ ଦୂରତା ହ୍ରାସ ପାଇବ ବୋଲି ବିଧାୟକ ତ୍ରିପାଠୀ ଏବଂ ମିଶ୍ର କହିଥିଲେ। ଏହି ଅବସରରେ ସେତୁର ସଂଯୋଗୀକରଣ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ,



ପାରିପାର୍ଶ୍ୱର ଉନ୍ନତି, ବୈଦ୍ୟେଶ୍ୱରଠାରେ ପଥପ୍ରାନ୍ତ ନିର୍ମାଣ, ରାମନାଥ, ବୈଦ୍ୟନାଥ ଓ ସିଂହନାଥ ପୀଠର ଉନ୍ନତୀକରଣ ଓ ସିଂହନାଥ ପୀଠ ସଂଲଗ୍ନ ଝୁଲା ପୋଲ ସମ୍ପର୍କରେ ପୂର୍ତ୍ତ ସଚିବ କୁମାର ସମୀକ୍ଷା କରିଥିଲେ। ୨ ମାସ ମଧ୍ୟରେ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଏହାପରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ନେଇ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା।

### ଚେନ୍ ଲୁଟ୍, କିନ୍ନରଙ୍କ ସହ ୨ ଗିରଫ

ଭୁବନେଶ୍ୱର,୨୯।୭ (ବ୍ୟୁରୋ): ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ନେଲୁର୍ ଜିଲା କପ୍ରାଲ୍ ଟିପା ଥାନାଞ୍ଚଳର ଅମ୍ବା ଅଉଲା(୩୭) ଓ ସଲମାନ୍ ଗୁଗୁଲ୍(୩୦) ଏବଂ ଗଜପତି ଜିଲା କରବନ୍ଧ ଥାନାଞ୍ଚଳର କିନ୍ନର ସୁଧାକର ପାଣି(୨୨)। ଏମାନଙ୍କଠାରୁ ସୁନାଚେନ୍ ସହ ଦୁଇଟି ଚୋରା ବାଇକ ଜବତ ହୋଇଛି। ସୂଚନା ଅନୁଯାୟୀ, ବାଲିଅନ୍ତାର ଅନ୍ନପୂର୍ଣ୍ଣା ସାହୁ ବୁଧବାର ଅପରାହ୍ନରେ ତାଙ୍କ ଭାଇଙ୍କ ସହିତ ସ୍କୁଟିରେ ପଳାଶୁଣି ଦେଇ ଘରକୁ ଫେରୁଥିବାବେଳେ କିନ୍ନର ସୁଧାକର ଏକ ବାଇକରେ ଆସି ଅନ୍ନପୂର୍ଣ୍ଣାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ପଳାଇଥିଲେ।

## ଡେଙ୍ଗୁକୁ ଆମନ୍ତ୍ରଣ



ଭୁବନେଶ୍ୱର ସତ୍ୟନଗର ଓଭରବ୍ରିଜ୍ ତଳ ଓ ୟୁନିଟ୍-୧ ମାର୍କେଟ ଅଞ୍ଚଳରେ ଅଳିଆ ଗଦା। ବର୍ଷା ପାଣି ସହ ପଚାଶଢ଼ା ଆବର୍ଜନା ରାସ୍ତାରେ ପଡ଼ି ରହିଛି।

# ବିଚ୍ ବାର୍ ପ୍ରସ୍ତାବକୁ ବିରୋଧ

ପୁରୀ ଅଫିସ,୨୯।୭

**ପୁରୀରେ ବଢୁଛି ଅସନ୍ତୋଷ**
- ଲୋକେ କହିଲେ ଧାର୍ମିକ ବାତାବରଣ ନଷ୍ଟ ହେବାକୁ ଦେବୁନାହିଁ
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବି ସମାଲୋଚନା କଲେ

ପୁରୀ ବେଳାଭୂମିରେ ବିଚ୍‌ବାର୍ ଖୋଲାଯିବା ପ୍ରସ୍ତାବକୁ ସହରବାସୀଙ୍କ ସମେତ ୨୫ଟି ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ଏ ନେଇ ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଛି। ବିଚ୍ ବାର୍ ବ୍ୟବସ୍ଥା ରଦ୍ଦ କରାଯିବାକୁ ସମ୍ପୃକ୍ତ ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ପୁରୀ ଏକ ଐତିହ୍ୟ ସହର ଓ ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ଏଭଳି ସହରର ମର୍ଯ୍ୟାଦାକୁ କଦାପି ନଷ୍ଟ ହେବାକୁ ଦିଆଯିବ ନାହିଁ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପୁରୀ ଓ କୋଣାର୍କ ବେଳାଭୂମିରେ ମଦ ବାର୍ ଖୋଲିବା ପ୍ରସ୍ତାବ କାର୍ଯ୍ୟକାରୀ ହେବା ପୂର୍ବରୁ ପୁରୀ ସହରରେ ଏଭଳି ଅସନ୍ତୋଷ ଦେଖିବାକୁ ମିଳିଛି।

ବେଳାଭୂମି ମଦମୁକ୍ତି ଅଭିଯାନ କର୍ମକର୍ତ୍ତା କହିଛନ୍ତି, ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ପୁରୀ ବେଳାଭୂମିରେ ମଦ ବାର୍ ଖୋଲି ଏବେ ଏହାକୁ ମଦ୍ୟପଙ୍କ ସ୍ଥାନରେ ପରିଣତ କରିବାକୁ ଚାହୁଁଛନ୍ତି। ଏଥିରୁ ବେଳାଭୂମି ଓ ପୁରୀ ସହରକୁ ସ୍ୱଚ୍ଛ ରଖିବା ନେଇ ସରକାରଙ୍କ ସ୍ଲୋଗାନ ପ୍ରହସନ ବୋଲି ଜଣାପଡୁଛି। ସେହିପରି ସାମାଜିକ କର୍ମୀ କୈଳାସ ଟିକାୟତରାୟ କହିଛନ୍ତି ବ୍ରିଟିଶ ଶାସନ ସମୟରେ ପୁରୀ ବେଳାଭୂମିକୁ ବେ ଅଫ୍ ବେଙ୍ଗଲ କରାଯାଇଥିଲା, ମାତ୍ର ଏବେ ସରକାର ଏହାକୁ ବେ ଅଫ୍ ଗୋଆ କରିବାକୁ ଚାହୁଁଛନ୍ତି। ଏଭଳି ହୀନ ଉଦ୍ୟମରୁ ରାଜ୍ୟ ସରକାର ବିରତ ରୁହନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି। ସିପିଆଇଏମ୍ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ପୁରୀ ସହରବାସୀଙ୍କ ସହ ବାହାରୁ ପର୍ଯ୍ୟଟକମାନେ ବୁଲିବା ପାଇଁ ବେଳାଭୂମିକୁ ଆସନ୍ତି। ଏଠାରେ ମଦ ବାର୍ ଖୋଲାଗଲେ ଅସାମାଜିକ କାର୍ଯ୍ୟକଳାପ ସହ ଅପରାଧ ବଢ଼ିବ। ସାଧାରଣ ଜନଜୀବନ ଅସୁରକ୍ଷିତ ହେବ। ଅନେକ ରାଜ୍ୟରେ ମଦ ବିକ୍ରି ଉପରେ କଟକଣା ଲଗାଯାଉଥିବାବେଳେ ଓଡ଼ିଶା ସରକାର ପୁରୀ ଭଳି ତୀର୍ଥକ୍ଷେତ୍ରରେ ମଦକୁ ପ୍ରୋତ୍ସାହିତ କରିବାରେ ଲାଗିଛନ୍ତି। ଏହା ନିନ୍ଦନୀୟ। ସରକାର ଏହି ଟେଣ୍ଡର ପ୍ରକ୍ରିୟାରୁ ନିବୃତ୍ତ ରହିବା ଠିକ୍ ହେବ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ ଏଭଳି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପୁରୀକୁ ସ୍ୱଚ୍ଛ ଓ ପବିତ୍ର ରଖିବା ଉଦ୍ଦେଶ୍ୟରେ ଗୋବର୍ଦ୍ଧନ ମଠ ପକ୍ଷରୁ ସମୁଦ୍ର ଆଳତିର ବ୍ୟବସ୍ଥା କରାଯାଇଛି। ମାତ୍ର ସରକାର ବେଳାଭୂମି ସମେତ ପୁରୀ ସହରର ଧାର୍ମିକ ବାତାବରଣ ରକ୍ଷା ଲାଗି ପ୍ରଚେଷ୍ଟା କରିବା ପରିବର୍ତ୍ତେ ମଦ୍ୟପାନ ବ୍ୟବସ୍ଥା କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ପୁରୀ ସହରବାସୀ ଏକହୋଇ ଏହି ବ୍ୟବସ୍ଥାକୁ ବିରୋଧ କରିବା ଉଚିତ। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପୁରୀ ସହର ଓ ଜିଲାର ଅନ୍ୟ ସ୍ଥାନରୁ ମୋଟ୍ ୨୫ଟି ଦାବିପତ୍ର ଆସିଛି। ସରକାରଙ୍କ ସହ ଏନେଇ ଆଲୋଚନା କରାଯିବ। ପୁରୀ ଭଳି ଐତିହ୍ୟ ସହରର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ପୁରୀର ସ୍ୱାଭିମାନ ପ୍ରତି ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯିବ ନାହିଁ। ରାଜ୍ୟ ସରକାରଙ୍କର ଏହା ଏକ ପ୍ରସ୍ତାବ ଏବଂ ଏ ନେଇ ପୁରୀ ସହରବାସୀଙ୍କ ମତ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ।



ପୁରୀ ନିଶାମୁକ୍ତି ଅଭିଯାନ ଏବଂ ଅନ୍ୟ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

## ୧୨୦କୋଟିର ଜିଏସ୍‌ଟି ଠକେଇ

ଭୁବନେଶ୍ୱର,୨୯।୭ (ବ୍ୟୁରୋ)

ଭୁବନେଶ୍ୱର ଜିଏସ୍‌ଟି ଗୋଇନ୍ଦା ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ଗୁରୁବାର ୧୨୦ କୋଟି ଜିଏସ୍‌ଟି ଠକେଇ ଧରିଛି। ରେଲ୍‌ୱେ ଟ୍ରାକ୍ ମରାମତି କରୁଥିବା ଏକ କମ୍ପାନୀ ବେଆଇନ ଭାବେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ହାତେଇଥିବା ଡିଜିଜିଆଇ ଜାଣିବା ପରେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଅଡିଟ୍‌ବେଳେ ଠକେଇ ଜଣାପଡିବା ପରେ ଉକ୍ତ କମ୍ପାନୀ ବିରୋଧରେ ମାମଲା ରୁଜୁ ସହ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ପାରାଦୀପ ଅଞ୍ଚଳରେ ଥିବା ଏହି କମ୍ପାନୀ ଟ୍ରାକ୍ ନିର୍ମାଣ ଓ ମରାମତି ନିମନ୍ତେ ରେଲ୍‌ୱେ ଠାରୁ ୩୦ବର୍ଷ ପାଇଁ ଟେଣ୍ଡର ପାଇଛି। କମ୍ପାନୀ କେବଳ ଟ୍ରାକ୍ ନିର୍ମାଣ ଓ ମରାମତି କାର୍ଯ୍ୟ କରିବାକୁ ମାଲିକାନା ପ୍ରାପ୍ତ କରିଛି। ଅନ୍ୟ କାହାକୁ ସର୍ଭିସ ଦେଉ ନ ଥିବାରୁ ଉକ୍ତ କମ୍ପାନୀ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇଁ ଯୋଗ୍ୟ ନୁହେଁ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ୬୭୦ କୋଟି ଟଙ୍କାର ଦ୍ରବ୍ୟ ଦେଖାଇ ୧୨୦.୫୮ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବେଆଇନ ଭାବେ ହାତେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନିଜ ବ୍ୟକ୍ତିଗତ ଜିଏସ୍‌ଟି ଟଙ୍କା ଦେବାରେ ବ୍ୟବହାର କରିଥିଲେ।

## ନକଲି ପୋଲିସ ଅଧିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୨୯।୭ (ଡି.ଏନ୍.ଏ.)

ଦାଦାବଟି ଆଦାୟ କରୁଥିବା ଜଣେ ନକଲି ପୋଲିସ ଅଧିକାରୀଙ୍କୁ ଗୁରୁବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଖାସପା ଗ୍ରାମର ସନ୍ତୋଷ ବିଶ୍ୱାଳ। ପୋଲିସ ଏକ ମାମଲା (ନଂ.୨୪୯/୨୧)ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ସନ୍ତୋଷ ନିଜକୁ ପୋଲିସ ଅଧିକାରୀ କହି ଟାଙ୍ଗୀ ଥାନା ଅଧୀନ କୁହୁଡି ଫାଣ୍ଡି ୧୬ନଂ.ଜାତୀୟ ରାଜପଥ କୁହୁଡି କଇଥପଲା ଛକ ନିକଟରେ ଦାଦାବଟି ଆଦାୟ କରୁଥିଲେ। କାଲୁପଡ଼ା ଘାଟ ଅଞ୍ଚଳର ଚନ୍ଦ୍ରକାନ୍ତି ପଲାଇଙ୍କ କଙ୍କଡ଼ା ବୋଝେଇ ଡାଲା ଅଟୋ (ଓଡି ୩୩ଏବି ୧୫୪୨)କୁ ଅଟକାଇବା ସହ ଟଙ୍କା ମାଗିଥିଲେ। ଗାଡ଼ି ମାଲିକ ଓ ଡ୍ରାଇଭରଙ୍କ ସନ୍ଦେହ କରି କୁହୁଡ଼ି ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ନିରଞ୍ଜନ ରାଉତ ପହଞ୍ଚି ସନ୍ତୋଷଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ସତକଥା ମାନିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଥିବା ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି।



ଅଭିଯୁକ୍ତ ସନ୍ତୋଷ ବିଶ୍ୱାଳ।

## ଖାଦ୍ୟ ସାମଗ୍ରୀର ସୁଷମ ବଣ୍ଟନକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୯।୭:

ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷ ପ୍ରମୋଦ କୁମାର ମେକାପ ଗୁରୁବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି ସରକାରଙ୍କ ଖାଉଟି କଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ଖୋର୍ଦ୍ଧା ବ୍ଲକ ମଲିପଡ଼ା ପଞ୍ଚାୟତର କଁପୁର ଗ୍ରାମ ରିଟେଲର କାଉଣ୍ଟର ପରିଦର୍ଶନ କରି ଯାଞ୍ଚ କରିଥିଲେ। ଖାଦ୍ୟ ସାମଗ୍ରୀ ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିବା ସହ ଗ୍ରାମବାସୀଙ୍କଠାରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କଥା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ଏସିଏସ୍‌ଓ ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ। ପରେ କମିଶନ ଅଧକ୍ଷ ମେକାପ ଓସ୍‌ୱାନ କକ୍ଷରେ 'ମୋ ସ୍କୁଲ ସମୀକ୍ଷା' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ବକ୍ସି ଜଗବନ୍ଧୁ (ବିଜେବି) ହାଇସ୍କୁଲକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ କରିବାକୁ କହିଥିଲେ। ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ୧୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଇ-ଲାଇବ୍ରେରି, ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ ଖେଳପଡ଼ିଆ ନିର୍ମାଣ ଲାଗି ଯୋଜନା ରହିଥିବା ସେ କହିଥିଲେ। ବୈଠକରେ ଉପଜିଲାପାଳ ଆଇ.ଗୌରବ ଶିବାଜୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ୍.ଗୌହର ଅଲ୍ଲୀ, ପ୍ରଫେସର ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପୂର୍ବତନ ପୋଲିସ ପ୍ରଶାସକ ଦେବ ପ୍ରସାଦ ମଜୁମଦାର, ସାମାଜିକକର୍ମୀ ବିମଳ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



## ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଚାରା ରୋପଣ

ବାଙ୍କୀ, ୨୯।୭ (ସ୍ୱ.ପ୍ର.)

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗୁରୁବାର ସାମନ୍ତରାପୁର ଆଞ୍ଚଳିକ ମଞ୍ଚ ପକ୍ଷରୁ ଚାରା ରୋପଣ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ସରପଞ୍ଚ ଦିନବନ୍ଧୁ ସାହୁ, ମହାସଂଘ ସଭାନେତ୍ରୀ ନିର୍ମଳା ଦାସ, ସମ୍ପାଦିକା ଅନସୂୟା ସାହୁ, ଜୀବିକା ମିଶନ ବ୍ଲକ ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଆଲୋକ ରଶ୍ମି ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୨୯।୭(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଗୁରୁବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଛନ୍ତି। ରଥରୋଡ ଓ ବିବେକାନନ୍ଦ ରୋଡ ମଧ୍ୟରେ ସଂଯୋଗ କରୁଥିବା ରାସ୍ତା ଉଦ୍‌ଘାଟନ, ବଡଗଡ ବ୍ରିଟର ୩ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ତେଜସ୍ୱିନୀ ମିଶନ ଶକ୍ତି ମହିଳା ମହାସଂଘ ପକ୍ଷରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଚାରାରୋପଣ ଏବଂ ବିଜେବିନଗର ପିପୁଲ୍ସ ଆସୋସିଏଶନର ବରିଷ୍ଠ ନାଗରିକଙ୍କୁ ମାସ୍କ, ସାନିଟାଇଜର, ଆଣ୍ଟିସେପ୍ଟିକ୍ ୱାଇପସ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ବିଡିଓ ରମେଶ ସେଠୀ, ସିଡିପିଓ ସନ୍ଧ୍ୟାରାଣୀ ଦେବୀ, ବିପିସି ଗଙ୍ଗୋତ୍ରି ପ୍ରିୟଦର୍ଶିନୀ, ତେଜସ୍ୱିନୀ ମିଶନ ଶକ୍ତି ମହିଳା ମହାସଂଘର ସଭାପତି ମହାମାୟା ସ୍ୱାଇଁ, ସମ୍ପାଦିକା ସଞ୍ଜୁକ୍ତା ଭୂତିଆ, ପୂର୍ବତନ ଡେପୁଟି ମେୟର କେ.ଶାନ୍ତି, ସୀମା ନାୟକ, ବନ୍ଦନା ସାହୁ, ଅବନୀକାନ୍ତ ପାଢ଼ଶାଣୀ, ଅଶୋକ ସିଂ, ପୁଷ୍ପା ଦାସ, ରୁନୁ ଜେନା, ନୃପେଶ ନାୟକ, ପ୍ରତାପ ଜେନା,ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍‌ଲାଇନ୍‌ରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଆବେଦନ

ଭୁବନେଶ୍ୱର, ୨୯।୭ (ବ୍ୟୁରୋ)

ରାଜଧାନୀବାସୀଙ୍କୁ ସହଜରେ ବିଭିନ୍ନ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍‌ସି ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଏବେ ସହରବାସୀ ଘରେ ବସି ଅତି ସହଜରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ www.ulbodisha.gov.in/ରେ ଆବେଦନ କରିବାକୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ସିଏଲ୍ଏଟି : ଉତ୍କର୍ଷ ପଣ୍ଡା ରାଜ୍ୟ ଟପ୍ପର

ଭୁବନେଶ୍ୱର, ୨୯।୭



ମଦର୍ସ ପବ୍ଲିକ୍ ସ୍କୁଲ୍ ଛାତ୍ର ଉତ୍କର୍ଷ ପଣ୍ଡା କମନ୍ ଲ' ଆଡମିଶନ ଟେଷ୍ଟ (ସିଏଲ୍ଏଟି-୨୦୨୧)ରେ ରାଜ୍ୟରେ ସର୍ବାଧିକ ନମ୍ବର ରଖିଛନ୍ତି। ସର୍ବଭାରତୀୟ ସ୍ତରରେ ତାଙ୍କର ର୍‌ୟାଙ୍କ ୫୩ ରହିଛି। କନ୍‌ସର୍ଟିୟମ ଅଫ୍ ନ୍ୟାଶନାଲ ଲ ୟୁନିର୍ଭସିଟିଜ୍ (ଏନ୍ଏଲ୍‌ୟୁ) ପକ୍ଷରୁ ଏହି ଫଳାଫଳ ଘୋଷଣା କରାଯାଇଛି। ଉତ୍କର୍ଷଙ୍କର ଏହି ସଫଳତା ପାଇଁ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ପଲି ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବ୍ୟାଙ୍କ ଅଫିସର ଦମ୍ପତି ବ୍ୟୋମରଞ୍ଜନ ପଣ୍ଡା ଓ ରିମି ପଣ୍ଡାଙ୍କ ପୁଅ ଉତ୍କର୍ଷ ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ରୁ ମାଟ୍ରିକ ଓ ଯୁକ୍ତ ଦୁଇ ଶିକ୍ଷାଲାଭ କରିଥିଲେ। ଉକ୍ତ ପରୀକ୍ଷାରେ ପଞ୍ଜାବର ମନହର ବଂଶଲ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଛନ୍ତି। ୫ ବର୍ଷୀୟା ଏଲ୍ଏଲ୍‌ବି ଏବଂ ଏଲ୍ଏଲ୍ଏମ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଜୁଲାଇ ୨୩ରେ ହୋଇଥିଲା।

## ବଢୁଛି 'ମୋ ଖତ'ର ଆଦର

ଭୁବନେଶ୍ୱର, ୨୯।୭ (ବ୍ୟୁରୋ

ବିଜ୍ଞାନ ସମ୍ମତ ବର୍ଜ୍ୟବସ୍ତୁ ପରିଚାଳନାରୁ ସ୍ମାର୍ଟସିଟି ଭୁବନେଶ୍ୱର ସମ୍ପୂର୍ଣ୍ଣ ଜୈବିକ ସାର 'ମୋ ଖତ' ଉତ୍ପାଦନ କରୁଛି। ସୁଲଭ ମୂଲ୍ୟରେ ଏହି ଜୈବିକ ସାର ବିକ୍ରୟ ଦିନକୁ ଦିନ ସଫଳ ହେବାରେ ଲାଗିଛି। ୱାର୍ଡ଼ ନଂ.୨୮, ୨୯, ୩୫ ଓ ୩୬ ନିମନ୍ତେ ନିକୋପାର୍କ ନିକଟରେ କାର୍ଯ୍ୟ କରୁଥିବା ୩ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ରୁ ଗୁରୁବାର ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟକୁ ୨ ଟନ 'ମୋ ଖତ' ବିକ୍ରୟ କରାଯାଇଛି। ଏହି ଅବସରରେ ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ 'ମୋ ଖତ' ବିକ୍ରୟ ଓ ଏଥିପାଇଁ ନିୟୋଜିତ ସ୍ୱଚ୍ଛସାଥୀଙ୍କୁ ଉତ୍ସାହିତ କରିଛନ୍ତି। କାର୍ଯ୍ୟକ୍ଷମ ହୋଇଥିବା ଏମ୍‌ସିସିଗୁଡ଼ିକୁ ନିୟମିତ ପ୍ରଶିକ୍ଷଣ ଓ ବୈଷୟିକ ସହଯୋଗ କରିବା ନିମନ୍ତେ ଡେପୁଟି କମିଶନର (ସାନିଟେଶନ) ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଏମ୍‌ସି ଏସ୍‌ବିଏ ସେଲ୍ ଓ ସାନିଟେଶନ ଏକ୍ସପର୍ଟମାନେ କାର୍ଯ୍ୟରତ ଥିବା ସୂଚନା ଦିଆଯାଇଛି।

ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସହରରେ ଏବେ ୧୮ଟି ଏମ୍‌ସିସି କାର୍ଯ୍ୟକ୍ଷମ ହୋଇଛି। ସହରରୁ ସଂଗୃହୀତ ଓଦା ବର୍ଜ୍ୟବସ୍ତୁରୁ ସ୍ୱତନ୍ତ୍ର ଧରଣର ଜୈବିକ ସାର 'ମୋ ଖତ' ଉତ୍ପାଦନ ହେଉଛି। ଇତିମଧ୍ୟରେ ଏସବୁ ଏମ୍‌ସିସିରୁ ଗୁରୁବାର ସୁଦ୍ଧା ୧୧ଟନ୍ 'ମୋ ଖତ' ବିକ୍ରୟ ହୋଇସାରିଛି। ବିଏମ୍‌ସି ପରିଚାଳନା ଓ ନାଗରିକଙ୍କ ସହଯୋଗରେ ୩ ଜୋନ୍‌ରେ ଚାଲୁ ରହିଥିବା ଏମ୍‌ସିସି ଏହି ଜୈବିକ ସାର ଯୋଗାଇ ଆସୁଛନ୍ତି। ଚଳିତ ବର୍ଷ ଜାନୁୟାରୀ ୮ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍‌ଙ୍କ ଉପସ୍ଥିତିରେ ସ୍ଥାନୀୟ ରାଜମହଲ ଛକରେ 'ମୋ ଖତ'ର ସ୍ୱତନ୍ତ୍ର କାଉଣ୍ଟର୍ ଖୋଲା ହୋଇ ବିକ୍ରୟ କରାଯାଉଛି। ଏହା ସାଙ୍ଗକୁ ଘରୋଇ ଏବଂ ସରକାରୀ ଚାହିଦା ମୁତାବକ ଅଗ୍ରିମ ଅର୍ଡର ନିଆଯାଇ ଖତ ଯୋଗାଇ ଦିଆଯାଉଛି। ଏହାପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ (ଓୟୁଏଟି)କୁ ଅଗ୍ରିମ ଅର୍ଡର ମୁତାବକ ଖତ ବିକ୍ରୟ କରାଯାଇଛି।



ବନ ବିଭାଗକୁ ମୋ ଖତ ପ୍ରଦାନ କରାଯାଉଛି।

**ଦିନକରେ ୨ଟନ୍ ବିକ୍ରୟ**

## ଅବକାରୀ ଚଢ଼ାଉ, ଜଣେ ଗିରଫ

**ପୁରୀ ଅଫିସ:** ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ଗୁରୁବାର ଅବକାରୀ ବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ସତ୍ୟବାଦୀ ଥାନା ଅନ୍ତର୍ଗତ ସୁକଳ ଗ୍ରାମର ଷ୍ଟାଲିନ ବିଶ୍ୱାଳ। ତାଙ୍କ ନିକଟରୁ ୭ଲିଟର ୮୦୦ ଗ୍ରାମ ବିୟର ଜବତ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ମୋବାଇଲ ଟିମ୍ ଷ୍ଟାଲିନଙ୍କ ଘରେ ଚଢ଼ାଉ କରିଥିଲେ।

# ଗୁଳିକରି ୭୦ ହଜାର ଲୁଟିନେଲେ

**ଖୋର୍ଦ୍ଧା ଅଫିସ,୨୯।୭**

ବାଘମାରୀ ଥାନା ଅନ୍ତର୍ଗତ ବାଘମାରୀ ସ୍କୁଲ ନିକଟ ତଳସାହିରେ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ଗ୍ରସେରି ବ୍ୟବସାୟୀଙ୍କୁ ଗୁଳିମାଡ଼ କରି ତାଙ୍କ ଠାରୁ ୭୦ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ଗୁରୁତର ବ୍ୟବସାୟୀ ହେଲେ ବାଘମାରୀ ବ୍ରାହ୍ମଣ ସାହିର ମନୋରଞ୍ଜନ ସାମନ୍ତରାୟ(୩୮)। ତାଙ୍କ ଡାହାଣ ଗୋଡ଼ ଆଣ୍ଠୁ ତଳକୁ ଗୁଳି ବାଜିଛି। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଛି। ମିଳିଥିବା



ଗୁରୁତର ବ୍ୟବସାୟୀ।



ଗୁଳି ବାଜିଥିବା ଗୋଡ଼।

ସୂଚନା ମୁତାବକ, ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମନୋରଞ୍ଜନଙ୍କ ଗ୍ରସେରି ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ସାଢେ ୧୦ଟାରେ ଦୋକାନ ବନ୍ଦ କରି ବାଇକ୍‌ରେ ଟଙ୍କା ଧରି ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଛକିରହିଥିବା ୪ଜଣ

### ବ୍ୟବସାୟୀ ଗୁରୁତର

ଦୁର୍ବୃତ୍ତ ତାଙ୍କୁ ବାଇକରେ ପିଛା କରିଥିଲେ। ସ୍କୁଲ ନିକଟରେ ହଠାତ୍ ତାଙ୍କ ଆଗକୁ ଆସି ଅଟକାଇଥିଲେ। ସେ ସେଠାରୁ ଖସି ଦୌଡିବାକୁ ଉଦ୍ୟମ ବେଳେ ୪ରାଉଣ୍ଡ ଫାୟାରିଂ କରିଥିଲେ। ୩ଟି ଗୁଳି ବାଜି ନ ଥିବା ବେଳେ ଚତୁର୍ଥ ଗୁଳି ତାଙ୍କ ଡାହାଣ ଗୋଡରେ ବାଜିଥିଲା। ଏହା ପରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

## ସଂକ୍ଷେପରେ

### ୧୨୦କୋଟିର ଜିଏସ୍‌ଟି ଠକେଇ

**ଭୁବନେଶ୍ୱର,୨୯।୭(ବ୍ୟୁରୋ):** ଭୁବନେଶ୍ୱର ଜିଏସ୍‌ଟି ଗୋଇନ୍ଦା ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ଗୁରୁବାର ୧୨୦ କୋଟି ଜିଏସ୍‌ଟି ଠକେଇ ଧରିଛି। ରେଲ୍‌ୱେ ଟ୍ରାକ୍ ମରାମତି କରୁଥିବା ଏକ କମ୍ପାନୀ ବେଆଇନ ଭାବେ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ହାତେଇଥିବା ଡିଜିଜିଆଇ ଜାଣିବା ପରେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। କାଗଜପତ୍ର ଯାଞ୍ଚବେଳେ ଠକେଇ ପ୍ରମାଣ ମିଳିବା ପରେ ଡିଜିଜିଆଇ ଉକ୍ତ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ସମସ୍ତ ଠକେଇ ଟଙ୍କା ଫେରସ୍ତ ଆଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପାରାଦୀପ ଅଞ୍ଚଳରେ ଥିବା ଏହି କମ୍ପାନୀ ଟ୍ରାକ୍ ନିର୍ମାଣ ଓ ମରାମତି ନିମନ୍ତେ ରେଲ୍‌ୱେ ଠାରୁ ୩୦ବର୍ଷ ପାଇଁ ଟେଣ୍ଡର ପାଇଛି। କମ୍ପାନୀ କେବଳ ଟ୍ରାକ୍ ନିର୍ମାଣ ଓ ମରାମତି କାର୍ଯ୍ୟ କରିବାକୁ ମାଲିକାନା ପ୍ରାପ୍ତ କରିଛି। ଅନ୍ୟ କାହାକୁ ସର୍ଭିସ ଦେଉ ନ ଥିବାରୁ ଉକ୍ତ କମ୍ପାନୀ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇଁ ଯୋଗ୍ୟ ନୁହେଁ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ୬୭୦ କୋଟି ଟଙ୍କାର ଦ୍ରବ୍ୟ ଦେଖାଇ ୧୨୦.୫୮ କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ବେଆଇନ ଭାବେ ହାତେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନିଜ ବ୍ୟକ୍ତିଗତ ଜିଏସ୍‌ଟି ଟଙ୍କା ଦେବାରେ ବ୍ୟବହାର କରିଥିଲେ। ସୂଚନା ପାଇ ଡିଜିଜିଆଇ ଚଢାଉ କରି କମ୍ପାନୀର ସମସ୍ତ କାରବାରର ଅଡିଟ୍ କରିଥିଲା। ଏହି ସମୟରେ ୧୨୦.୫୮କୋଟିର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ହାତେଇଥିବା ସାମ୍ନାକୁ ଆସିଥିଲା।

### ପୂର୍ଣ୍ଣଚନ୍ଦ୍ରଙ୍କୁ ସହାୟତାର ହାତ ବଢ଼ାଇଲା ସ୍ୱୟଂ ସହାୟକ ଗୋଷ୍ଠୀ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଡଙ୍ଗାକୁ କେହି ଦୁର୍ବୃତ୍ତ ଗତ ୨୦ ତାରିଖ ରାତିରେ ପୋଡ଼ିଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଡଙ୍ଗା ସହିତ ଲକ୍ଷାଧିକ ଟଙ୍କାର ମାଛଧରା ଜାଲ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଘଟଣାକୁ ୯ଦିନ ବିତିଯାଇଥିଲେ ମଧ ପୋଲିସ କାହାରିକୁ ଗିରଫ କରିନଥିବା ବେଳେ ସରକାରୀ ସହାୟତା ମିଳିନାହିଁ। ଜଗନ୍ନାଥପୁରର ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟମାନେ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି। ପ୍ରକାଶଯେ, ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଡଙ୍ଗା ମାଧମରେ ଜୀବିକା ନିର୍ବାହ କରୁଥିଲେ। ତେବେ ଡଙ୍ଗା ପୋଡ଼ିଯିବାରୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି।

### କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା, ଚାରାରୋପଣ

**ବେଗୁନିଆ,୨୯।୭(ଡି.ଏନ୍.ଏ.):** କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନ, ଖୋର୍ଦ୍ଧା ଉପକଣ୍ଠ ପକ୍ଷରୁ ଗୁରୁବାର କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଚାରାରୋପଣ କରାଯାଇଛି। ବେଗୁନିଆ ବ୍ଲକର ୩୫ଜଣ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଥାନା ଓ ଡାକ୍ତରଖାନା ପରିସରରେ ୨୦ଟି ଚାରାରୋପଣ କରାଯାଇଛି। ଆୟୋଜକ ସଙ୍ଗଠନର ସଭାପତି ସୁକାନ୍ତ ପରିଡାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ଜଏଣ୍ଟ ସେକ୍ରେଟାରୀ ଜାଭେଦ ଖାନ, ଅତିଥି ଭାବେ ସହ-ସମ୍ପାଦକ ଶରତ ବାରିକ, ଉପସଭାପତି ଦୁଷ୍ମନ୍ତ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ଓ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ରାଜକିଶୋର ପଣ୍ଡା, ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧିଙ୍କ ସମେତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଘମାରୀ ଓ ବେଗୁନିଆ ଥାନା ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସାହାଡା, ବାହାଡା, ନିମ୍ବ ଆଦି ଔଷଧୀୟ ଚାରାରୋପଣ କରାଯାଇଛି।

### ରାମମୂର୍ତ୍ତି ଦୋରାଙ୍କ ସ୍ମୃତିସଭା

**କଣାସ, ୨୯।୭(ସ୍ୱ.ପ୍ର.):** କଣାସ ବ୍ଲକ ସିରେଇ ଗ୍ରାମସ୍ଥିତ ବିଶ୍ୱନାଥ ସ୍ମୃତି ବିଦ୍ୟା ନିକେତନସ୍ଥିତ ସ୍କାଉଟ୍ ଭବନରେ ଗୁରୁବାର ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରାଙ୍କ ବିୟୋଗରେ ଶୋକସଭା ହୋଇଥିଲା। ସିରେଇ ନୋଡାଲ ଉ.ପ୍ରା. ସ୍କୁଲ ଏବଂ ଅନ୍ୟ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍‌ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ଲକ ଶିକ୍ଷାଧିକାରୀ ତଥା ବ୍ଲକ ସ୍କାଉଟ୍ ଗାଇଡ୍ ମୁଖ୍ୟ କମିଶନର ମୀନକେତନ ସାମନ୍ତରାୟ, ସହଶିକ୍ଷାଧିକାରୀ ବ୍ରଜକିଶୋର ଜେନା, ସମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, କବ୍ ମାଷ୍ଟର ଜିତେନ୍ଦ୍ର କୁମାର ପେଣ୍ଡୋଇ, ଟୁଲୁ ଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନକିଣା ପାଇଁ ପଞ୍ଜୀକରଣକୁ ଗୁରୁତ୍ୱ

**ଡେଲାଙ୍ଗ,୨୯।୭(ଡି.ଏନ୍.ଏ.)**





ବୈଠକରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ଖରିଫ ଧାନକିଣା ସମୟରେ ଚାଷୀମାନେ ଯେପରି ଧାନ ଦେବାରେ ହଇରାଣ ନ ହେବେ ସେନେଇ ଗୁରୁବାର ଡେଲାଙ୍ଗ ବ୍ଲକ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ଟୋକନରେ ଅବ୍ୟବସ୍ଥା ଯୋଗୁ ଅନେକ ଚାଷୀ ମଣ୍ଡିରେ ଧାନଦେବାରୁ ବଞ୍ଚିତ ହୋଇଥିଲେ। ଏଥିସହ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ଚାଷୀଙ୍କ ଧାନକିଣା ଯାଇଥିଲା। ୨୦୨୨ରେ ଖରିଫ ଧାନ ମଣ୍ଡିରେ ଦେବା ପାଇଁ ଚାଷୀମାନେ କିପରି ହଇରାଣ ନ ହେବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଅଗଷ୍ଟ ୧୬ ଶେଷ ତାରିଖ ବୋଲି ସରକାର ଧାର୍ଯ୍ୟ କରିଛନ୍ତି। ଚାଷୀଙ୍କ ପଞ୍ଜୀକରଣ ପାଇଁ ଆଧାରକାର୍ଡ, ଜମିପଟା, ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବରର ଆବଶ୍ୟକ ରହିଛି। ପଞ୍ଜୀକରଣ ସମୟରେ ଗୋଟିଏ ପରିବାରରୁ ଏକାଧିକ ଲୋକ ପଞ୍ଜୀକରଣ କରିବେ ନାହିଁ, ପଞ୍ଜୀକରଣ ସମୟରେ ଠିକ୍ କାଗଜପତ୍ର ଯାଞ୍ଚ କରି ପଞ୍ଜୀକରଣ କରାଯିବ। ପରେ ଗ୍ରାମ୍ୟ କୃଷିକର୍ମୀ ଓ ଆରଆଇ ସାଟେଲାଇଟ ମ୍ୟାପ ଜରିଆରେ ଜମିର ଯାଞ୍ଚ କରିବେ। କୌଣସି ଚାଷୀଙ୍କୁ ଯେପରି ପଞ୍ଜୀକରଣରେ ସମସ୍ୟା ନ ହୁଏ ସେଥିପ୍ରତି ଧାନ ଦେବା ପାଇଁ ବିଡିଓ ବୈଠକରେ ଉପସ୍ଥିତ ସମବାୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଭାଗଚାଷୀ, ଦେବୋତ୍ତର ଜମିକୁ ଚାଷ କରୁଥିବା ଚାଷୀମାନେ ଏନଓସି ଆଣି ପଞ୍ଜୀକରଣ କରିପାରିବେ। ହରିରାଜପୁର ପଞ୍ଚାୟତର ଅନେକ ଚାଷୀ ଜଗନ୍ନାଥଙ୍କ ଜମିକୁ ଚାଷ କରୁଥିବା ବେଳେ ପଞ୍ଜୀକରଣ ପାଇଁ ଜଗନ୍ନାଥ ମନ୍ଦିର କମିଟିରୁ ଏନଓସି ଆଣି ପଞ୍ଜୀକରଣ କରିପାରିବେ। ଜମିର ମାଲିକ ମୃତ୍ୟୁବରଣ କରିଥିଲେ ତାଙ୍କର ନାତି ଯଦି ପଞ୍ଜୀକରଣ କରିବାକୁ ଦରଖାସ୍ତ କରନ୍ତି ତେବେ ସେ ଲିଗାଲ ହେୟାର ପୈଠ କରି ପଞ୍ଜୀକରଣରେ ସାମିଲ ହୋଇପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ୨୩ଟି ସମବାୟ ସମିତି ଥିବା ବେଳେ ୨୨ଟି ସେବା ସମବାୟ ସମିତିରେ ପଞ୍ଜୀକରଣ କାର୍ଯ୍ୟ ଜାରି ରହିଛି। ହାକପଡା ସେବା ସମବାୟ ସମିତି ବନ୍ଦଥିବା ବେଳେ ଚାଷୀମାନେ ଚନ୍ଦ୍ରକୋଟ ଓ ଶ୍ରୀ ଭୈରବୀ ସେବା ସମବାୟ ସମିତିରେ ପଞ୍ଜୀକରଣ କରିପାରିବେ ବୋଲି ଉପସହକାରୀ ନିବନ୍ଧକ ତଥା ସମବାୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଶଙ୍କର ମହାନ୍ତି କହିଛନ୍ତ। ବୈଠକରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ତହସିଲଦାର ମହେନ୍ଦ୍ର ବଡେଇ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ଏମ୍ଆଇ ଲିପ୍ସାରାଣୀ ରାଉତ, ୧୯ସେବା ସମବାୟ ସମିତିର ସମ୍ପାଦକମାନେ ଉପସ୍ଥିତ ଥିଲେ।

## ସହଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବେଗୁନିଆ,୨୯।୭(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମ ସ୍ଥିତ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହ ପରିସରରେ ୩ଦିନ ଧରି ଚାଲିଥିବା ସହଯୋଗ ପ୍ରଶିକ୍ଷଣ ଶିବିର-୨ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ହଜ କ୍ଲଷ୍ଟର ଅଧୀନରେ ରହିଥିବା ୯ଟି ବିଦ୍ୟାଳୟରୁ ଆସିଥିବା ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ସିଆରସିସି ସୂର୍ଯ୍ୟକାନ୍ତ ବେହେରା, ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ୫ଜମନ ପୂଜାରି, ପ୍ରଶିକ୍ଷକ ମାଧବ ବେହେରା, ଚେୟାରମ୍ୟାନ ତ୍ରିଲୋଚନ ବାଘସିଂହ ଶିବିରକୁ ପରିଚାଳନା କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସ୍କୁଲ କିପରି ଭାବେ ବିକଶିତ ହେବ, ମଧ୍ୟାହ୍ନ ଭୋଜନ ବଣ୍ଟନ ବ୍ୟବସ୍ଥାକୁ ପରିଚାଳନା କରାଯିବା ଆଦି ବିଭିନ୍ନ ଆଲୋଚନା କରିବା ସହ ତାଲିମ ଦିଆଯାଇଥିଲା। ବିଆରସିସି ଦିଲୀପ କୁମାର ମହାପାତ୍ର ପରିଦର୍ଶନରେ ଆସି ସହଯୋଗ-୨ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ପୁଲକ ବଡ଼ଜେନା ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଶିକ୍ଷକ ମାଧବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନକଲି ପୋଲିସ ଅଧିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୭(ଡି.ଏନ୍.ଏ.)**

ନିଜକୁ ପୋଲିସ ଅଧିକାରୀ ପରିଚୟ ଦେଇ ଦାଦାବଟି ଆଦାୟ କରୁଥିବା ଜଣେ ନକଲି ପୋଲିସ ଅଧିକାରୀଙ୍କୁ ଗୁରୁବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଶେରଗଡ଼ ଥାନା ଅଧୀନ ଖାସପା ଗ୍ରାମର ସନ୍ତୋଷ ବିଶ୍ୱାଳ। ଏନେଇ ଥାନାରେ ଏକ ମାମଲା (ନଂ.୨୪୯/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅଧୀନ କୁହୁଡି ଫାଣ୍ଡି ୧୬ନଂ.ଜାତୀୟ ରାଜପଥ କୁହୁଡି କଇଥପଲା ଛକ ନିକଟରେ ସନ୍ତୋଷ ନିଜକୁ ପୋଲିସ ଅଧିକାରୀ କହି ଦାଦାବଟି ଆଦାୟ କରୁଥିଲେ। ଏହି



ଅଭିଯୁକ୍ତ ସନ୍ତୋଷ ବିଶ୍ୱାଳ।

ସମୟରେ ଯାଉଥିବା କାଲୁପଡ଼ା ଘାଟ ଅଞ୍ଚଳର ଚନ୍ଦ୍ରକାନ୍ତି ପଳାଇଙ୍କ କଙ୍କଡ଼ା ବୋଝେଇ ଡାଲା ଅଟୋ (ଓଡି ୩୩ଏବି ୧୫୪୨)କୁ ଅଟକାଇବା ସହ ଟଙ୍କା

### ଜାତୀୟ ରାଜପଥରେ ବଟି ଆଦାୟ କରୁଥିଲେ

ମାଗିଥିଲେ। ତେବେ ସମ୍ପୃକ୍ତ ଗାଡ଼ି ମାଲିକ ଓ ଡ୍ରାଇଭରଙ୍କ ସନ୍ଦେହ ହେବାରୁ କୁହୁଡ଼ି ଫାଣ୍ଡିରେ ଯୋଗାଯୋଗ କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ନିରଞ୍ଜନ ରାଉତ ପହଞ୍ଚି ସନ୍ତୋଷଙ୍କୁ ପଚରାଉଚରା କରିବା ସହ ଥାନାକୁ ନେଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି।

## ମନ୍ଦିରରୁ ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରୁ ବୁଧବାର ରାତିରେ ଚୋରି କରି ପଳାଉଥିବା ଜଣେ ବ୍ୟକ୍ତିଙ୍କୁ ପୂଜାରୀ ଧରିଛି। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବଡବଜାର ଥାନା ଗୁରୁମୂର୍ତ୍ତି ପେଣ୍ଠର ରବୀନ୍ଦ୍ର ପାଣିଗ୍ରାହୀ (୫୨)। ପୋଲିସ ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରି ମନ୍ଦିର କମିଟିକୁ ପୋଲିସ ହସ୍ତାନ୍ତର କରିଛି। ଏନେଇ ପୋଲିସ ମାମଲା (ନଂ.୨୯୪/୨୧) ରୁଜୁ କରି ଅଭିଯୁକ୍ତ ରବୀନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି।

# ଖାଦ୍ୟ ସାମଗ୍ରୀ ସୁଷମ ବଣ୍ଟନ ଉପରେ ଗୁରୁତ୍ୱ





ବୈଠକରେ ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷ ପ୍ରମୋଦ କୁମାର ମେକାପ ଏବଂ ଅନ୍ୟ ଅଧିକାରୀମାନେ।

**ଖୋର୍ଦ୍ଧା ଅଫିସ,୨୯।୭**

ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷ ପ୍ରମୋଦ କୁମାର ମେକାପ ଗୁରୁବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସି ସରକାରଙ୍କ ଖାଉଟି କଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କମିଶନ ଅଧକ୍ଷ ଖୋର୍ଦ୍ଧା ବ୍ଲକ ମଲିପଡ଼ା ପଞ୍ଚାୟତର କଁପୁର ଗ୍ରାମ ରିଟେଲର କାଉଣ୍ଟର ପରିଦର୍ଶନ କରିଥିଲେ। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ କରିଥିଲେ। ଖାଦ୍ୟ ସାମଗ୍ରୀ ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଗ୍ରାମବାସୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କଥା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ଏସିଏସ୍‌ଓ ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। ପରେ କମିଶନ ଅଧକ୍ଷ ମେକାପ ଓସ୍‌ୱାନ କକ୍ଷରେ 'ମୋ ସ୍କୁଲ ସମୀକ୍ଷା' କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ ବକ୍ସି ଜଗବନ୍ଧୁ (ବିଜେବି) ହାଇସ୍କୁଲକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଉତ୍କର୍ଷ କେନ୍ଦ୍ର) କରିବାକୁ କହିଥିଲେ। ମିତ୍ର କହିଥିଲେ, ଶିକ୍ଷାର ଉନ୍ନତି ସହ କ୍ରୀଡ଼ା ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ୧୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଇ-ଲାଇବ୍ରେରି, ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନାଗାର, ଉନ୍ନତ ଖେଳପଡ଼ିଆ ନିର୍ମାଣ ଲାଗି ଯୋଜନା ରହିଛି। ଜିଲାପାଳ କହିଥିଲେ, ହାଇସ୍କୁଲ ରୁପାନ୍ତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସହ ପିଲାଙ୍କ ଦକ୍ଷତା, ପ୍ରତିଭା, ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ବୈଠକରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ.ଗୌରବ ଶିବାଜୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ୍.ଗୌହର ଅଲ୍ଲୀ, ପ୍ରଫେସର ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପୂର୍ବତନ ପୋଲିସ ପ୍ରଶାସକ ଦେବ ପ୍ରସାଦ ମଜୁମଦାର, ସାମାଜିକକର୍ମୀ ବିମଳ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନିବେଦିତା



@ ଜାହ୍ନବୀ



@ ଶାଶ୍ୱତ



@ ପରମେଶ



@ ବିଭୁପ୍ରସାଦ



@ ବିନୋଦ

## ଗ୍ରାମାଞ୍ଚଳରେ ବଢୁଛି ନିଶା କାରବାର

**ନିରାକାରପୁର,୨୯।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ଗ୍ରାମାଞ୍ଚଳରେ ଲୁଟ୍, ଡକାୟତି, ଜୁଆଖେଳ, ବ୍ରାଉନସୁଗାର ଓ ବନ୍ଧୁକ କାରବାର ବୃଦ୍ଧି ପାଇବାରେ ଲାଗିଛି। କେତେଜଣ କ୍ଷୁଦ୍ର ବେପାରି, ଗାଡ଼ିଚାଳକ, ବେକାରୀ, ଶିକ୍ଷିତ ଯୁବକ ଅଧିକ ଅର୍ଥ ଆଶାରେ ଏଭଳି ଅସାମାଜିକ କାର୍ଯ୍ୟକଳାପରେ ମାତି ନିଜ ଭବିଷ୍ୟତ ସହ ପରିବାରକୁ ଅନ୍ଧାର ମଧ୍ୟକୁ ଠେଲିଦେଉଛନ୍ତି। ଏପରିକି କମ୍ ବୟସର ପିଲା ନିଶା ସେବନ କରି ଅନେକ ଅପରାଧ ଘଟାଉଥିବା ଜଣାପଡ଼ିଛି। ନିଶା ପାଇଁ ଘରେ ହିଂସା ଘଟୁଛି। ନିରାକାରପୁର ଥାନା ଅଞ୍ଚଳରେ ଗତ ମଙ୍ଗଳବାର ଜଣେ ଯୁବକ ବ୍ରାଉନସୁଗାର ପାଇଁ ବାପା ମା'ଙ୍କୁ ମାଡ଼ ମାରିବା ସହିତ ଘରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ନିରାକାରପୁର ଅଞ୍ଚଳର ଜଣେ ଯୁବକ ଭୁବନେଶ୍ୱରରେ ବନ୍ଧୁକ କାରବାର ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପିଲାମାନେ ଏହି କାର୍ଯ୍ୟରେ ଲିପ୍ତ ରହୁଥିବାରୁ ପୋଲିସ ସେମାନଙ୍କୁ ଗିରଫ କରୁନଥିବା ଜଣାପଡ଼ିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏନେଇ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ଅସମାଜିକ ଯୁବକଙ୍କ ଉପରେ କଡ଼ା ନଜର ରହିଛି।

**କ୍ଷତିପୂରଣ ପାଇଁ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ**

ପୁରୀ ଅଫିସ : ବିଦ୍ୟୁତ ଆଘାତରେ ମୃତ ଠିକା କର୍ମଚାରୀ ଜିତେନ୍ଦ୍ର ଦଳେଇଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କୁ ଆଇନଜୀବୀ ଅନିଲ କୁମାର ସାହୁ ନିବେଦନ କରିଛନ୍ତି। ସେ ଆୟୋଗଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ବୁଧବାର ବିଦ୍ୟୁତ ବିଭାଗ ପକ୍ଷରୁ ଠିକା କର୍ମଚାରୀ ଜିତେନ୍ଦ୍ର ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିଲେ। ଜିତେନ୍ଦ୍ରଙ୍କୁ କୌଣସି ସୁରକ୍ଷା ଉପକରଣ ଦିଆଯାଇ ନ ଥିଲା। ତେଣୁ ଘଟଣାର ତଦନ୍ତ କରି ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୨୦ଲକ୍ଷ ଟଙ୍କା ଦିଆଯାଉ।




୨୯।୦୭।୨୦୨୧

୩୦୭୯ ଟଙ୍କା

## ସଂକ୍ଷେପରେ

### ବସ୍ତି ତାଲିକାରେ ନାମ ସାମିଲ ଦାବି

ପୁରୀ ଅଫିସ, ୨୯।୭: ପୁରୀ ପୌରାଞ୍ଚଳ ଅଧୀନ ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା' ତାରିଣୀ ବସ୍ତିକୁ ପୁରୀ ସହର ବସ୍ତି ତାଲିକାରେ ସାମିଲ ପାଇଁ ଦାବି କରାଯାଇଛି। ଏ ନେଇ ଗୁରୁବାର ଏହି ୩ ବସ୍ତିର ପ୍ରତିନିଧିମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୩୧ ନମ୍ବର ୱାର୍ଡରେ ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା'ତାରିଣୀ ବସ୍ତି ରହିଛି। ଏହି ୩ ବସ୍ତିର ବାସିନ୍ଦାମାନେ ଦୀର୍ଘ ୧୫ ବର୍ଷ ହେଲା ଡିଆଇଜି କଲୋନୀ ପଛପଟ ଧୋବାଖାଲ ଅଞ୍ଚଳରେ ଝୁମ୍ପୁଡ଼ି କରି ରହୁଛନ୍ତି। ବସ୍ତି ବାସିନ୍ଦାଙ୍କ ନିକଟରେ ୨୦୧୧-୧୨ ଜନଗଣନା ସର୍ଭେ କାଗଜପତ୍ର, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ବିଦ୍ୟୁତ ବିଲ୍, ପାନୀୟଜଳ ବିଲ୍ ଓ ଖାଉଟି କାର୍ଡ ରହିଛି। ସେହିପରି ସରକାରଙ୍କ ପକ୍ଷରୁ ଲାଗୁ ହେଉଥିବା ବିଭିନ୍ନ ଦେୟ ପୈଠ କରାଯାଉଛି। ଏହାସତ୍ତ୍ୱେ ପୁରୀ ବସ୍ତି ତାଲିକାରେ ଉକ୍ତ ୩ଟି ବସ୍ତିର ନାମ ନାହିଁ। ସର୍ଭେ ଅନୁଯାୟୀ ତାଲିକାରେ ନାମ ଥିବା ବସ୍ତିରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟାଯାଇଥିବାବେଳେ ସେମାନେ ବାଦ୍ ପଡ଼ିଛନ୍ତି। ତେଣୁ ଉକ୍ତ ବସ୍ତିକୁ ତାଲିକାରେ ସାମିଲ କରିବା ପାଇଁ ସେମାନେ ଦାବି କରିଛନ୍ତି।

### ପୁରୀ ବେଳାଭୂମିରୁ ମହିଳା ଉଦ୍ଧାର

ପୁରୀ ଅଫିସ,୨୯।୭:ପୁରୀ ବେଳାଭୂମି ନିକଟରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ଅପରାହ୍ନରେ ଏହି ମହିଳା ଜଣକ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଏକାକୀ ବସିଥିବା କେତେଜଣ ଲାଇଫଗାର୍ଡ ଦେଖିବାକୁ ପାଇଥିଲେ। ତାଙ୍କୁ ପଚାରିବାରୁ ସେ ଘରୁ ଚାଲିଆସିଛନ୍ତି ଓ ଆତ୍ମହତ୍ୟା କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ତାଙ୍କୁ ଲାଇଫଗାର୍ଡମାନେ ସେଠାରୁ ନେଇଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ବିଫଳ ହେବାରୁ ସମୁଦ୍ରକୂଳ ଥାନା ପୋଲିସକୁ ଖବର ଦେଇଥିଲେ। ପିସିଆର ଭ୍ୟାନ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ସମୁଦ୍ରକୂଳ ଥାନାକୁ ନେଇଥିଲା। ପଚରାଉଚରା କରିବାରୁ ମହିଳାଙ୍କ ଘର ପୁରୀ ସାକ୍ଷୀଗୋପାଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ସେ ନେଇ କିଛି ସୂଚନା ମିଳିନାହିଁ। ପୋଲିସ ତଦନ୍ତ ଜାରି ରଖିଛି।

### ଫୋନ୍ ଚୋରି କରି ଯୁବକ ଗିରଫ

ପୁରୀ ଅଫିସ,୨୯।୭: ଦାଦାବଟି ମାଗିବା ଓ ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ବାଘଆଖଡା ଲେନ ମକରଧ୍ୱଜ ଯାଗା ଅଞ୍ଚଳର କାହ୍ନୁ ଚରଣ ପ୍ରଧାନ (୪୦)। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଏନେଇ ପୋଲିସ କେସ୍ ନଂ. ୧୭୧/୨୧ ରୁଜୁ କରିଛି। ସୂଚନା ଅନୁଯାୟୀ ଗତ ୧ ତାରିଖ ଅପରାହ୍ନ ୧ଟାରେ କାହ୍ନୁ ସେହି ସାହିର ରବିନାରାୟଣ ପ୍ରଧାନଙ୍କ ଘରେ ପଶି ତାଙ୍କୁ ଦାଦାବଟି ମାଗିଥିଲେ। ସେ ମନା କରିବାରୁ କାହ୍ନୁ ତାଙ୍କୁ ଆକ୍ରମଣ କରି ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏନେଇ ରବି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

ପୁରୀ ଅଫିସ, ୨୯।୭: ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଶିଶୁ କିଶୋର ନ୍ୟାୟ, ଯତ୍ନ ଓ ସୁରକ୍ଷା ଅଧିନିୟମ ୨୦୧୮ ଏବଂ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ୨୦୦୯ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଯୋଗଦେଇ ଶିଶୁ ଯତ୍ନ ଓ ଶିଶୁ ସୁରକ୍ଷା ଅଧିକାର ପାଇଁ ସ୍ୱତନ୍ତ୍ର ଆଇନ ରହିଥିବା କହିଥିଲେ। ପୋଷ୍ୟ ସନ୍ତାନ ଆଇନ ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ଏବଂ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଥିଲେ ଶିଶୁମାନେ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗତ ବ୍ୟବସ୍ଥାଗୁଡ଼ିକ ଠିକ ଭାବେ କାର୍ଯ୍ୟକାରୀ ହେବା ଉଚିତ। ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଆଇନ ସାକ୍ଷରତା କ୍ଲବର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

# ବିଚ୍ ବାର୍ ପ୍ରସ୍ତାବକୁ ବିରୋଧ

**ପୁରୀରେ ବଢୁଛି ଅସନ୍ତୋଷ**
- ଲୋକେ କହିଲେ ଧାର୍ମିକ ବାତାବରଣ ନଷ୍ଟ ହେବାକୁ ଦେବୁନାହିଁ
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବି ସମାଲୋଚନା କଲେ

ପୁରୀ ଅଫିସ,୨୯।୭:

ପୁରୀ ବେଳାଭୂମିରେ ବିଚ୍‌ବାର୍ ଖୋଲାଯିବା ପ୍ରସ୍ତାବକୁ ସହରବାସୀଙ୍କ ସମେତ ୨୫ଟି ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ଏ ନେଇ ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଛି। ବିଚ୍ ବାର୍ ବ୍ୟବସ୍ଥା ରଦ୍ଦ କରାଯିବାକୁ ସମ୍ପୃକ୍ତ ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ପୁରୀ ଏକ ଐତିହ୍ୟ ସହର ଓ ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ଏଭଳି ସହରର ମର୍ଯ୍ୟାଦାକୁ କଦାପି ନଷ୍ଟ ହେବାକୁ ଦିଆଯିବ ନାହିଁ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପୁରୀ ଓ କୋଣାର୍କ ବେଳାଭୂମିରେ ମଦ ବାର୍ ଖୋଲିବା ପ୍ରସ୍ତାବ କାର୍ଯ୍ୟକାରୀ ହେବା ପୂର୍ବରୁ ପୁରୀ ସହରରେ ଏଭଳି ଅସନ୍ତୋଷ ଦେଖିବାକୁ ମିଳିଛି।

ବେଳାଭୂମି ମଦମୁକ୍ତି ଅଭିଯାନ କର୍ମକର୍ତ୍ତା କହିଛନ୍ତି, ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଲାଗି ପୁରୀ ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ପୁରୀ ବେଳାଭୂମିରେ ମଦ ବାର୍ ଖୋଲି ଏବେ ଏହାକୁ ମଦ୍ୟପଙ୍କ ସ୍ଥାନରେ ପରିଣତ କରିବାକୁ ଚାହୁଁଛନ୍ତି। ଏଥିରୁ ବେଳାଭୂମି ଓ ପୁରୀ ସହରକୁ ସ୍ୱଚ୍ଛ ରଖିବା ନେଇ ସରକାରଙ୍କ ସ୍ଲୋଗାନ ପ୍ରହସନ ବୋଲି ଜଣାପଡୁଛି। ସେହିପରି ସାମାଜିକ କର୍ମୀ କୈଳାସ ଟିକାୟତରାୟ କହିଛନ୍ତି ବ୍ରିଟିଶ ଶାସନ ସମୟରେ ପୁରୀ ବେଳାଭୂମିକୁ ବେ ଅଫ୍ ବେଙ୍ଗଲ କରାଯାଇଥିଲା, ମାତ୍ର ଏବେ ସରକାର ଏହାକୁ ବେ ଅଫ୍ ଗୋଆ କରିବାକୁ ଚାହୁଁଛନ୍ତି। ଏଭଳି ହୀନ ଉଦ୍ୟମରୁ ରାଜ୍ୟ ସରକାର ବିରତ ରୁହନ୍ତୁ ବୋଲି ସେ ପ୍ରକାଶ କରିଛନ୍ତି। ସିପିଆଇଏମ୍ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ପୁରୀ ସହରବାସୀଙ୍କ ସହ ବାହାରୁ ପର୍ଯ୍ୟଟକମାନେ ବୁଲିବା ପାଇଁ ବେଳାଭୂମିକୁ ଆସନ୍ତି। ଏଠାରେ ମଦ ବାର୍ ଖୋଲାଗଲେ ଅସାମାଜିକ କାର୍ଯ୍ୟକଳାପ ସହ ଅପରାଧ ବଢ଼ିବ। ସାଧାରଣ ଜନଜୀବନ ଅସୁରକ୍ଷିତ ହେବ। ଅନେକ ରାଜ୍ୟରେ ମଦ ବିକ୍ରି ଉପରେ କଟକଣା ଲଗାଯାଉଥିବାବେଳେ ଓଡ଼ିଶା ସରକାର ପୁରୀ ଭଳି ତୀର୍ଥକ୍ଷେତ୍ରରେ ମଦକୁ ପ୍ରୋତ୍ସାହିତ କରିବାରେ ଲାଗିଛନ୍ତି। ଏହା ନିନ୍ଦନୀୟ। ସରକାର ଏହି ଟେଣ୍ଡର ପ୍ରକ୍ରିୟାରୁ ନିବୃତ୍ତ ରହିବା ଠିକ୍ ହେବ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଏଭଳି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପୁରୀକୁ ସ୍ୱଚ୍ଛ ଓ ପବିତ୍ର ରଖିବା ଉଦ୍ଦେଶ୍ୟରେ ଗୋବର୍ଦ୍ଧନ ମଠ ପକ୍ଷରୁ ସମୁଦ୍ର ଆଳତିର ବ୍ୟବସ୍ଥା କରାଯାଇଛି। ମାତ୍ର ସରକାର ବେଳାଭୂମି ସମେତ ପୁରୀ ସହରର ଧାର୍ମିକ ବାତାବରଣ ରକ୍ଷା ଲାଗି ପ୍ରଚେଷ୍ଟା କରିବା ପରିବର୍ତ୍ତେ ମଦ୍ୟପାନ ବ୍ୟବସ୍ଥା କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ପୁରୀ ସହରବାସୀ ଏକହୋଇ ଏହି ବ୍ୟବସ୍ଥାକୁ ବିରୋଧ କରିବା ଉଚିତ। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପୁରୀ ସହର ଓ ଜିଲାର ଅନ୍ୟ ସ୍ଥାନରୁ ମୋଟ୍ ୨୫ଟି ଦାବିପତ୍ର ଆସିଛି। ସରକାରଙ୍କ ସହ ଏନେଇ ଆଲୋଚନା କରାଯିବ। ପୁରୀ ଭଳି ଐତିହ୍ୟ ସହରର ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ପୁରୀର ସ୍ୱାଭିମାନ ପ୍ରତି ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯିବ ନାହିଁ। ରାଜ୍ୟ ସରକାରଙ୍କର ଏହା ଏକ ପ୍ରସ୍ତାବ ଏବଂ ଏ ନେଇ ପୁରୀ ସହରବାସୀଙ୍କ ମତ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ।



ପୁରୀ ନିଶାମୁକ୍ତି ଅଭିଯାନ ଏବଂ ଅନ୍ୟ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।




ପୁରୀ ବେଳାଭୂମିରେ ବିଚ୍ ବାର୍ ପ୍ରସ୍ତାବକୁ ବିରୋଧ କରି ଗୁରୁବାର ବାମପନ୍ଥୀ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର କାର୍ଯ୍ୟକାରୀ କମିଟି ବୈଠକ**

ପୁରୀ ଅଫିସ, ୨୯।୭:

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପୁରୀ ଜିଲାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଗୁରୁବାର ଓଷ୍ଟା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି କୃଷ୍ଣଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର ଶିକ୍ଷା ଓ ଶିକ୍ଷକ ସମସ୍ୟା ସମାଧାନ ପାଇଁ ସଙ୍ଗଠନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଯୋଗ୍ୟ ବିବେଚିତ ୧୭୭ ଉଚ୍ଚବିଦ୍ୟାଳୟକୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ୍, ୪୮ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଶିକ୍ଷକଙ୍କୁ ଟ୍ରେଣ୍ଡ ଗ୍ରାଜୁଏଟ ମାନ୍ୟତା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ, ପଦୋନ୍ନତି, ୬୨ବର୍ଷ ବୟସ ପର୍ଯ୍ୟନ୍ତ ଚାକିରି କାଳ ବୃଦ୍ଧି ନିମନ୍ତେ ଦାବି କରାଯାଇଛି। ଆସନ୍ତା ୩୧ ତାରିଖ ପୂର୍ବରୁ ସରକାର ପଦକ୍ଷେପ ନ ନେଲେ ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନ କ୍ରମେ ଅଗଷ୍ଟ ୯ରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ସେହିଭଳି ଅଗଷ୍ଟ ୧୬ରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ଉପଦେଷ୍ଟା ମହେନ୍ଦ୍ର କୁମାର ରଣସିଂହ, ଦୁର୍ଗାପ୍ରସାଦ ମିଶ୍ର, ସରୋଜିନୀ ମିଶ୍ର, ପ୍ରତାପ ଚନ୍ଦ୍ର ପଲାଇ, ମାନସ ରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ବ୍ଲକ୍‌ର ସଭାପତି ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ମାସକରେ ୪୦ ମୋବାଇଲ ଫୋନ୍ ଲୁଟ୍

ନିମାପଡ଼ା,୨୯।୭(ଡି.ଏନ୍.ଏ.):

ନିମାପଡ଼ା ସାପ୍ତାହିକ ହାଟରେ ମୋବାଇଲ ଫୋନ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ମାସ ମଧ୍ୟରେ ସାପ୍ତାହିକ ହାଟ ପାଳିରେ ୪୦ଟି ମୋବାଇଲ ଫୋନ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରାହକମାନେ ପରିବା କିଣୁଥିବା ବେଳେ ଲୁଟେରାମାନେ କୌଶଳକ୍ରମେ ମୋବାଇଲ ଲୁଟି ନେଉଛନ୍ତି। ବୁଧବାର ହାଟରୁ ସ୍ଥାନୀୟ ଦେବୀମଣ୍ଡପ ସାହିର ଦୁର୍ଯ୍ୟୋଧନ ସେନାପତି, ଜଇନାବାଦ ଗ୍ରାମର ମୁନା ମହାନ୍ତି, ଅମୁଣିଆପାଟଣା ଗ୍ରାମର ପ୍ରସନ୍ନ ସାହୁଙ୍କ ସମେତ ୫ଜଣଙ୍କର ମୋବାଇଲ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ଗତ ହାଟପାଳିରେ ପରିବା କିଣିବା ବେଳେ ନିମାପଡ଼ାର ୨ ଗଣମାଧ୍ୟମ ପ୍ରତିନିଧି, ଜଣେ ବ୍ଲକ ପିଇଓଙ୍କ ସମେତ ୭ଜଣଙ୍କର ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବଳଙ୍ଗା ଓ ଖେଲାର ହାଟରେ ଲୁଟେରାମାନେ କେତେକ ବ୍ୟକ୍ତିଙ୍କ ମୋବାଇଲ ଲୁଟି ନେଇଥିବା ଜଣାପଡ଼ିଛି। ତେବେ ହାଟରୁ ବାରମ୍ବାର ମୋବାଇଲ ଲୁଟ୍ ହେଉଥିବାରୁ ଗ୍ରାହକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ସହ ଲୁଟେରାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

- ଟ୍ରକରୁ ପଡ଼ି ଭାଙ୍ଗିଥିଲା ମେରୁଦଣ୍ଡ ହାଡ଼
- ପ୍ରଶାସନର ସହାୟତାକୁ ଚାହିଁ ବସିଛନ୍ତି ପ୍ରଫୁଲ୍ଲ

ପିପିଲି,୨୯।୭(ସ୍ୱ.ପ୍ର.)

ପିପିଲି ବ୍ଲକ ପାଣିଦୋଳ ପଞ୍ଚାୟତ ଅନ୍ତର୍ଗତ ତୋଟାପଡ଼ା ଜେନା ସାହିର ପ୍ରଫୁଲ୍ଲ ଜେନା(୫୭) ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗିଯାଇଥିବାରୁ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ଅନ୍ୟପଟେ ତାଙ୍କ ଚିକିତ୍ସା ପାଇଁ ପାଖରେ ଅର୍ଥ ସ୍ୱଚ୍ଛଳ ନ ଥିବାରୁ ସହାୟତା ଅପେକ୍ଷାରେ ପରିବାର ଲୋକ ଚାହିଁ ରହିଛନ୍ତି। ସୂଚନାଯୋଗ୍ୟ, ପ୍ରଫୁଲ୍ଲ ଟ୍ରକରେ ଲେବର କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ୨୦୧୯ ଅଗଷ୍ଟରେ ଅସାବଧାନତାବଶତଃ ଟ୍ରକରୁ ଖସି ପଡ଼ିଥିଲେ। ଫଳରେ ଗୁରୁତର ଆଘାତ ହେବା ସହ ମେରୁଦଣ୍ଡ ହାଡ଼ ଭାଙ୍ଗିଯାଇଥିଲା। ପରିବାର ଓ ଗ୍ରାମବାସୀ ତାଙ୍କର ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କର ମେରୁଦଣ୍ଡରେ ଅସ୍ତ୍ରୋପଚାର କରାଗଲା। ଚିକିତ୍ସାରେ ତାଙ୍କର ସମସ୍ତ ଜମିବାଡ଼ି ଓ ସମ୍ପତ୍ତି ସରିଗଲା। ତଥାପି ପ୍ରଫୁଲ୍ଲ ସ୍ୱାସ୍ଥ୍ୟରେ ସୁଧାର ଆସିଲାନି। ପରିବାରର ଏକମାତ୍ର ରୋଜଗାରକ୍ଷମ ପ୍ରଫୁଲ୍ଲ ଶଯ୍ୟାଶାୟୀ ହେବା ପରେ ସ୍ତ୍ରୀ, ପୁଅ ସମେତ ପରିବାର ଲୋକେ ବଡ଼ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଅନ୍ୟପଟେ ପ୍ରଫୁଲ୍ଲ ବାସସ୍ଥାନ ମଧ୍ୟ ସଚଳ ନ ଥିବାବେଳେ ଆବାସ ଯୋଜନାରେ ନାଁ ଲଗାଇଥିଲେ ମଧ୍ୟ ଘର କିମ୍ବା କୌଣସି ପ୍ରକାର ସହାୟତା ମିଳି ନଥିବା ପ୍ରକାଶ କହିଛନ୍ତି। ସେହିଭଳି ଏବେ ଉକ୍ତ ଘରୋଇ ହସ୍ପିଟାଲ ପୁନର୍ବାର ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ତେଣୁ ଏଭଳି ସମୟରେ ସରକାର ତଥା କୌଣସି ବଦାନ୍ୟ ବ୍ୟକ୍ତି ତାଙ୍କର ଚିକିତ୍ସା ନିମନ୍ତେ ଆର୍ଥିକ ସାହାଯ୍ୟ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।



ଶଯ୍ୟାଶାୟୀ ପ୍ରଫୁଲ୍ଲ ଜେନା ।

# ଆବାସ ଗୃହ ଆବଣ୍ଟନରେ ଅନିୟମିତତା

**ଅଭିଯୋଗ ଆଣି ସ୍ୱଚ୍ଛତା ଦାବି କଲା ଭାଜପା**

କଣାସ,୨୯।୭(ସ୍ୱ.ପ୍ର):

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କଣାସ ବ୍ଲକରେ ଆବାସ ଘର ଆବଣ୍ଟନ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ, ଅନିୟମିତତା ବନ୍ଦ କରାଯିବାକୁ ଭାଜପା ଦାବି କରିଛି। ଏ ନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଜିଲାପାଳ ସମର୍ଥ ବର୍ମା ଏବଂ ବିଡିଓ ଲୋଚନ ଦାସଙ୍କୁ ଦାବିପତ୍ର ଦେଇଛନ୍ତି। ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ କହିଛନ୍ତି, ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଶତାଧିକ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଗୃହ ମିଳିଛି। ଏ କ୍ଷେତ୍ରରେ ସ୍ୱଚ୍ଛ ତଦନ୍ତ ପ୍ରକ୍ରିୟା ପାଇଁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ସାମିଲ କରି ହିତାଧିକାରୀ ତାଲିକା ପ୍ରକାଶ କରିବାକୁ ଜଗଦେବ ପ୍ରସ୍ତାବ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଭାଜପା ଜିଲା ଉପସଭାପତି ଲକ୍ଷ୍ମୀଧର ଜଗଦେବ, ସାହୁପଡ଼ା ମଣ୍ଡଳ ଉପସଭାପତି ମହେଶ୍ୱର ବୈରିଗଞ୍ଜନ, ବିଶ୍ୱଜିତ୍ ବଡଜେନା, ପ୍ରଶାନ୍ତ ପଟ୍ଟନାୟକ, ହେମନ୍ତ ସାହୁ, ତରୁଣସେନ ସ୍ୱାଇଁ, ଦୁଃଶାସନ ସ୍ୱାଇଁ, ସମିତି ସଭ୍ୟ ସୁକାନ୍ତ କିଶୋର ବଳିୟାରସିଂହ, ଶକ୍ତି ପ୍ରଧାନ, ବାବୁଲା ସାହୁ, କାଳୁ ପ୍ରଧାନ, ଅନୁପ ଚମ୍ପତି ଏବଂ ରଶ୍ମିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହରପ୍ରିୟା, କାଦମ୍ବିନୀ ବ୍ଲକ ସଭାପତି

ସାକ୍ଷୀଗୋପାଳ,୨୯।୭(ସ୍ୱ.ପ୍ର.):

ପଞ୍ଚାୟତ ନିର୍ବାଚନ ପାଇଁ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଜିଲା ଓ ବ୍ଲକ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ନାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକାଶ ପାଇଛି। ଏଥିରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ପୁରୀ ଜିଲାର ଉପସଭାପତି ଭାବେ ସତ୍ୟବାଦୀ ନିର୍ବାଚନମଣ୍ଡଳୀର କନକଲତା ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସତ୍ୟବାଦୀ ବ୍ଲକ ମହିଳା ସଭାପତିଭାବେ ହରପ୍ରିୟା ବେହେରା ଓ କଣାସ ବ୍ଲକର ସଭାପତିଭାବେ କାଦମ୍ବିନୀ ସାମନ୍ତରାୟଙ୍କ ନାମ ଅନୁମୋଦିତ ହୋଇଛି। ସତ୍ୟବାଦୀ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଧନ୍ୟବାଦ ଦିଆଯାଇଛି।




ପୁରୀ ଇନର ହୁଇଲ୍ କ୍ଲବ ପକ୍ଷରୁ ବଳିଆପଣ୍ଡା ବସ୍ତିରେ ଗୁରୁବାର ଆୟୋଜିତ କରୋନା ସଚେତନତା କାର୍ଯ୍ୟକ୍ରମ ।

# ପ୍ରଥମ ଦିନରେ ୧୮ ଜଣଙ୍କୁ ମଦ ଦୋକାନ ଲାଇସେନ୍ସ

ପୁରୀ ଅଫିସ,୨୯।୭:

ପୁରୀ ଜିଲାରେ ସରକାରୀ ମଦଦୋକାନ ପାଇଁ ଲଟେରି ଉଠାଣ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅସ୍ତରଙ୍ଗ, ବଳଙ୍ଗା, ବଳିଆପଣ୍ଡା-୧ ଓ ୨, ବାଲିସାହି, ବାଲୁଖଣ୍ଡ, ବିଜିପୁର, ଚନ୍ଦନପୁର, ଚାଟିଛକ, ଛଇତନା, ଘୋରଡ଼ିଆ, ଚକ୍ରତୀର୍ଥ ରୋଡ୍, ଗୋପ, ଗୋପୀନାଥପୁର, କାଶୀହରିପୁର, ଚାନ୍ଦପଡ଼ା ଏବଂ ଜୟପୁର ଅଞ୍ଚଳ ଲାଗି ୧୮ଟି ମଦ ଦୋକାନ ପାଇଁ ଲଟେରି ଉଠାଣ ହୋଇଛି। ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଏବଂ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଦୁଇଦିନ ଧରି ଲଟେରି ଉଠାଣ ହେବ ବୋଲି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା କହିଛନ୍ତି। ପ୍ରଥମ ଦିନ ୩୧୫ ଦୋକାନୀ ଏହି ପ୍ରକ୍ରିୟାରେ ଭାଗନେଇଥିବାବେଳେ ୧୮ଜଣଙ୍କୁ ଲାଇସେନ୍ସ ମିଳିଛି। ଆସନ୍ତା ଦୁଇଦିନରେ ୧୮ଟି ଲେଖାଏ ଦୋକାନ ଲାଗି ଲଟେରି ଉଠାଣ ହେବ। ଅଧିକାରୀମାନଙ୍କ ଉପସ୍ଥିତିରେ ସ୍ୱଚ୍ଛ ଓ ନିରପେକ୍ଷ ପଦ୍ଧତିରେ ଲଟେରି ପ୍ରକ୍ରିୟା ଚାଲିଛି। ପ୍ରକ୍ରିୟା ଶେଷ ପରେ ଲାଇସେନ୍ସ ମିଳି ନ ଥିବା ବ୍ୟକ୍ତିଙ୍କ ଏକ ଲକ୍ଷ ଟଙ୍କାର ଅର୍ଥରାଶିକୁ ଅବକାରୀ ବିଭାଗ ରାଜକୋଷ ରଖିବ। ଏହି ଟଙ୍କା ଫେରସ୍ତ କରାଯିବ ନାହିଁ। ଅନ୍ୟପକ୍ଷରେ ଅଗଷ୍ଟ ୨୦ ପର୍ଯ୍ୟନ୍ତ ପୁରୁଣା ଲାଇସେନ୍ସରେ ଦୋକାନୀମାନେ ବ୍ୟବସାୟ କରିପାରିବେ। ଏହାପରେ ନୂଆ ଲାଇସେନ୍ସଧାରୀମାନେ ଦୋକାନ ଖୋଲିବେ। ଏଥିଲାଗି ସେମାନଙ୍କୁ କାଗଜପତ୍ର କାର୍ଯ୍ୟ ସାରିବାକୁ ପଡ଼ିବ। ଶୁକ୍ରବାର ଓ ଶନିବାର କୁମ୍ଭାରପଡ଼ା, ସ୍ୱର୍ଗଦ୍ୱାର, ନିମାପଡ଼ା, ସାତଶଙ୍ଖ, ପିପିଲି, ପଣସପଦା, ପଦ୍ମପୁର ପାଇଁ ଲଟେରି ଉଠାଣ ହେବ। ସମୁଦାୟ ୩୬ଟି ବିଦେଶୀ ଓ ୧୮ଟି ଦେଶୀ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯିବ।

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

ପିପିଲି,୨୯।୭(ସ୍ୱ.ପ୍ର.)

କଣ୍ଟିଠାରେ ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିପାଟଣା ବନ ଅଧିକାରୀ ଜୟକୃଷ୍ଣ ଯଦୁମଣି ଦାସ ଯୋଗଦେଇ କହିଛନ୍ତି ପ୍ରକୃତି ଓ ପରିବେଶର ସନ୍ତୁଳନର ରକ୍ଷା ପାଇଁ ସମସ୍ତେ ଚାରାରୋପଣ କରିବା ଆବଶ୍ୟକ। ପିପିଲି ଓ ଡେଲାଙ୍ଗର ବିଭିନ୍ନ ଅଞ୍ଚଳରେ ସଙ୍ଗଠନର ସଭାପତି ପ୍ରଭାତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରକାଶ ଧଳ, ପଞ୍ଚାୟତ ସଭାପତି ଦୁର୍ଯ୍ୟୋଧନ ପରିଡ଼ା ଓ ଜାଗୃତି ସଙ୍ଗଠନ ସମ୍ପାଦକ ବିଭୂତି ସାମନ୍ତରାୟ, ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର, ସଦସ୍ୟ ମହେନ୍ଦ୍ର ମହାପାତ୍ର, ପ୍ରଭାତ ବେହେରା, ପ୍ରଦୀପ୍ତ ଘଡେଇ, ଅଜୟ ସିଂ, ମିଣ୍ଟୁ ପ୍ରମୁଖ ସାମିଲ ଥିଲେ।

# ସଫେଇ କର୍ମଚାରୀଙ୍କ ବିକାଶ ଉପରେ ଗୁରୁତ୍ୱ

ପୁରୀ ଅଫିସ,୨୯।୭:

ପୁରୀ ସର୍କିଟ୍ ହାଉସ୍‌ରେ ଗୁରୁବାର ସଫେଇ କର୍ମଚାରୀଙ୍କ ବିକାଶ ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସଫେଇ କର୍ମଚାରୀ ଆୟୋଗ ସଦସ୍ୟ ପି. ପି. ଭାଭା ଯୋଗଦେଇ ସଫେଇ କର୍ମଚାରୀଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସଫେଇ କର୍ମଚାରୀଙ୍କ ବିକାଶ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ ସମର୍ଥ ବର୍ମା ସଫେଇ କର୍ମଚାରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିବାବେଳେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ବିସ୍ତୃତ ତଥ୍ୟ ରଖିଥିଲେ। ମୋଟ ସଫେଇ କର୍ମଚାରୀଙ୍କ ସଂଖ୍ୟା ୫୨୨। ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ସଫେଇ କାର୍ଯ୍ୟରେ ୩୩୫, ଡ୍ରେନ୍ ସଫେଇରେ ୯୩, ସେପ୍ଟିକ୍ ଟାଙ୍କି କାର୍ଯ୍ୟରେ ୮ ଓ ସ୍ୱେରେଜ ସଫେଇରେ ୬୪ ଜଣ ନିୟୋଜିତ ହୋଇଛନ୍ତି। ଡ୍ରେନେଜ ଓ ସ୍ୱେରେଜ ସଫେଇରେ ନିୟୋଜିତ କର୍ମଚାରୀଙ୍କ ପାଇଁ ସର୍ବାଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହିଭଳି ଗାରିମା ପ୍ରକଳ୍ପ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଫେଇ କର୍ମଚାରୀଙ୍କ ପାଇଁ ପକ୍କାଘର ବ୍ୟବସ୍ଥା କରାଯାଇଛି। ଆବର୍ଜନା ସଂଗ୍ରହ ପ୍ରକ୍ରିୟାକୁ ଅତ୍ୟାଧୁନିକ ପଦ୍ଧତିରେ ପୃଥକୀକରଣ କରାଯାଉଛି। କର୍ମଚାରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଉଛି। ୨୦୧୫ରେ ୩୨ଜଣ ମାନୁଆଲ୍ ସ୍କାଭେଞ୍ଜରଙ୍କୁ ଚିହ୍ନଟ କରାଯିବା ସହ ରାଜ୍ୟ ସଫେଇ କର୍ମଚାରୀ ଆର୍ଥିକ ନିଗମ ପକ୍ଷରୁ ଋଣ ଦିଆଯାଇଛି ବୋଲି ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ କହିଛନ୍ତି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ମିଶ୍ର, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ରଙ୍କ ସମେତ ସଫେଇ କର୍ମଚାରୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଜାତୀୟ ସଫେଇ କର୍ମଚାରୀ ଆୟୋଗ ସଦସ୍ୟ ପି. ପି. ଭାଭା ଏବଂ ଅନ୍ୟ ଅଧିକାରୀମାନେ ।